ବର୍ଷ-୨୫, ସଂଖ୍ୟା-୩୨୫
ଭୁବନେଶ୍ୱର
୦୭, ଡିସେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 325
Bhubaneswar
07, December, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ ଉଦଘାଟିତ

**ଭୁବନେଶ୍ୱର,୬।୧୨(ମହାଭାରତ):** ପୁରୀ ଠାରେ ଆୟୋଜିତ ଗ୍ଲୋବାଲ ଏନର୍ଜୀ ଲିଡର୍ସ ସମିଟ ୨୦୨୫ କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍ଘାବଟନ କରିଛନ୍ତି। ଉକ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି ଯାହାଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ, ଆମ ରାଜ୍ୟ ଗ୍ରୀନ୍ ଏନର୍ଜି ରାଜ୍ୟ ଭାବେ ଉଭା ହେବ।



ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶକ୍ତି କ୍ଷେତ୍ରରେ ଓଡିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି, ଯାହା ସଦା ସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟତା କରିବ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ଓଡିଶା ପରି, ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଗ୍ଲୋବାଲ ଏନର୍ଜୀ ଲିଡର୍ସ ସମିଟ୍ଟ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞ ମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟୀତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ୨୦୧୪ ପୂର୍ବରୁ, ସାରା ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା। ଗ୍ରାମାଂଚଳରେ ଘଂଟା ଘଂଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା । ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ ପ୍ରଭାବିତ କରୁଥିଲା। କିନ୍ତୁ, ଗତ ଦଶନ୍ଧିରେ ଏସବୁରେ ଉନ୍ନତି ଆସିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇଛି। ବର୍ଦ୍ଧିତ ଚାହିଦା, ଭିତ୍ତିଭୂମି ବିକାଶ ଏବଂ ପାରମ୍ପରିକ ଏବଂ ନବୀକରଣୀୟ ଶକ୍ତି ଉତ୍ସ ପାଇଁ ଦୃଢ଼ ନୀତିଗତ ସମର୍ଥନ ଦ୍ୱାରା ଭାରତର ଶକ୍ତି କ୍ଷେତ୍ର ଗତ ୧୧ ବର୍ଷରେ ଦ୍ରୁତ ଅଭିବୃଦ୍ଧି ହାସଲ କରିପାରିଛି।

ଯେକୌଣସି ଦେଶ, ରାଜ୍ୟ କିମ୍ବା ସମାଜର ନିରନ୍ତର ବିକାଶ ପାଇଁ ପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ। ବିଦ୍ୟୁତ୍ ଉତ୍ପାଦ ସହିତ, ବିଦ୍ୟୁତ୍ ଆବଂଟନ ପାଇଁ ଭିତ୍ତିଭୂମି ଗଠନ ମଧ ଆବଶ୍ୟକ। ବର୍ତ୍ତମାନ, ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ ପ୍ରତିଶତ, ଯାହା ଆଗାମୀ କିଛି ଦିନ ମଧରେ ଆହୁରି ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସ୍ଥାୟୀ ଭାବରେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଆମ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିସନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଦାୟିତ୍ୱକୁ ହାସଲ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡିଶାର ଶିଳ୍ପ ନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀ ନବୀକରଣୀୟ ଶକ୍ତିରେ ଓଡ଼ିଶାର ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦନ ଘୋଷଣା କରିଥିଲେ । ଯାହାଫଳରେ ରାଜ୍ୟର ସାତ ଆଠ ଲକ୍ଷ ଲୋକ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ସେ ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି।

ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଗ୍ଲୋବାଲ ଏନର୍ଜୀ ଲିଡର୍ସ ସମିଟର ଉଦ୍ଦେଶ୍ୟ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେ ପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇଆସିଛି । ୨୦୩୦ ସୁଦ୍ଧା, ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ । ୨୦୩୬ ସୁଦ୍ଧା, ଯେତେବେଳେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବ, ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସେ କହିଥିଲେ।

## ବାରବାଟୀ ମ୍ୟାଚ ପାଇଁ ଗଡ଼ିବ 'ଆମ ବସ୍'

**ଭୁବନେଶ୍ୱର,୬।୧୨ (ମହାଭାରତ):** ଡିସେମ୍ବର ୯ ତାରିଖରେ କଟକ ବାରବାଟୀ ଷ୍ଟାଡ଼ିୟମ୍ ରେ ହେବାକୁ ଯାଉଛି ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍। କ୍ରିକେଟ୍ ମ୍ୟାଚ୍ ପାଇଁ ଉତ୍ସାହକୁ ଲକ୍ଷ୍ୟ କରି କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବା ଚଳାଚଳ ଯିବା ପାଇଁ ପ୍ରାଥମିକ ସଟଲ୍ ରୁଟ୍ ହେଉଛି—ଗଡଗଡିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ୍ ଏକାଡେମୀ, ସିଏନବିଟି, ବାଦାମବାଡ଼ି, ଲିଙ୍କ ରୋଡ୍ ଏବଂ ଓଏମପି ଛକ। ଏହି ରୁଟ୍ ମଧ ଦେଇ ବସ୍ ଗୁଡିକ ରେଳଷ୍ଟେସନ୍ ଯାଏଁ ଚଳାଚଳ ହେବ । ସଟଲ୍ ସେବାର ନିର୍ଦ୍ଧାରିତ ଭଡ଼ା



ହେବ। ଏକାଧିକ ସ୍ଥାନରୁ ଚଳାଚଳ ହେବାକୁ ଥିବା ଏହି ସଟଲ୍ ବସ୍ ସେବା ନିର୍ଦ୍ଦିଷ୍ଟ ସ୍ଥାନରୁ ଆରମ୍ଭ ହୋଇ କଟକ ବାରବାଟୀ ଷ୍ଟାଡ଼ିୟମ ଯାଏଁ ଗଡ଼ିବ। କଟକ ରେଳ ଷ୍ଟେସନରୁ ସିଏନ୍ ବିଟି ଏବଂ ବାରବାଟୀ ଷ୍ଟାଡ଼ିୟମ ଅଂଚଳରେ ଜନଗହଳିର ବାସ୍ତବ ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳର ବ୍ୟବସ୍ଥା ହେବ।

ମ୍ୟାଚ୍ ପୂର୍ବରୁ ଅପରାହ୍ନ ୪ଟାରେ କଟକ ରେଳ ଷ୍ଟେସନ୍ ରୁ ସଟଲ୍ ସେବା ଆରମ୍ଭ ହେବ। ମ୍ୟାଚ୍ ଶେଷ ପରେ, ଟ୍ରାଫିକ୍ ପ୍ରବାହକୁ ଧ୍ୟାନରେ ରଖି ବାରବାଟୀ ଷ୍ଟାଡ଼ିୟମ୍ ରୁ ସଟଲ୍ ବସ୍ ସେବା ଜାରୀ ରହିବ। ବାରବାଟୀ ଷ୍ଟାଡ଼ିୟମ୍ ରୁ କଟକ ରେଳଷ୍ଟେସନ୍ କୁ ୨୦ ଟଙ୍କା ରହିବ । ଭୁବନେଶ୍ୱରରୁ ଯାତ୍ରା କରୁଥିବା ଦର୍ଶକମାନଙ୍କ ପାଇଁ ମ୍ୟାଚ୍ ଶେଷ ପରେ ଦୁଇଟି ଅସ୍ଥାୟୀ ସ୍ୱତନ୍ତ୍ର ରୁଟ୍ ପରିଚାଳନା ହେବ। ରୁଟ୍–୦୧: ବାରବାଟୀ ଷ୍ଟାଡିୟମରୁ ବିଏସଏବିଟି, ବରମୁଣ୍ଡା। ଏହା ଜୁଡିସିଆଲ୍ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଚଳାଚଳ ହେବ। ରୁଟ୍–୦୨: ବାରବାଟୀ ଷ୍ଟାଡିୟମରୁ ଭୁବନେଶ୍ୱର ରେଳଷ୍ଟେସନ୍। ଏହା ସିଏନବିଟି, ଲିଙ୍କ ରୋଡ୍, ଜାତୀୟ ରାଜପଥରେ ଚଳାଚଳ କରିବ। ଉଭୟ ରୁଟ୍ ପାଇଁ ଏକ ନିର୍ଦ୍ଧାରିତ ଫ୍ଲାଟ୍ ମୂଲ୍ୟ ୪୦ ଟଙ୍କା ରହିବ ଏବଂ ବସ୍ ଗୁଡିକ ପ୍ରତି ୨୦-ମିନିଟ୍ ଅନ୍ତରରେ ଚଳାଚଳ ହେବ।

## ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟି ବୈଠକ

**ଭୁବନେଶ୍ୱର,୬।୧୨(ମହାଭାରତ):** ଖାରବେଳ ଭବନସ୍ଥ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ସମ୍ମିଳନୀ କକ୍ଷରେ ଶନିବାର ରାଜ୍ୟ ବନ୍ୟପ୍ରାଣୀ ପରିଷଦର ସ୍ଥାୟୀ କମିଟିର ୧୧ତମ ବୈଠକ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ସମୃଦ୍ଧି ପାଇଁ ଉପୁଜିଥିବା ସମସ୍ୟା ଗୁଡିକର ଆଶୁ ସମାଧାନ ନିମନ୍ତେ ସମୟୋପଯୋଗୀ ପଦକ୍ଷେପ ନେବାପାଇଁ ବନ୍ୟଜନ୍ତୁ ସଂଶୋଧନ ଅନିୟମ (ସୁରକ୍ଷା), ୨୦୨୨ ର ଧାରା ୬ (ଏ) ଅନୁଯାୟୀ ଏହି କମିଟି ଗଠିତ ହୋଇଛି। କମିଟି ସମ୍ମୁଖରେ ମୋଟ ପାଞ୍ଚଟି ପ୍ରକଳ୍ପ ଉପସ୍ଥାପିତ କରା ଯାଇଥିଲା ଏବଂ ତନ୍ମଧ୍ୟରୁ ଚାରିଟି ପ୍ରସ୍ତାବ ଭାରତ ସରକାରଙ୍କ ୪ଏ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟର ଟେଲି ଯୋଗାଯୋଗ ନେଟୱାର୍କ ନଥିବା ଗ୍ରାମଗୁଡିକରେ ମୋବାଇଲ୍ ଟାୱାର୍ ସ୍ଥାପନ ସମ୍ବନ୍ଧୀୟ ଥିଲା । ଉକ୍ତ ପ୍ରସ୍ତାବଗୁଡିକର ଉଦ୍ଦେଶ୍ୟ ଗ୍ରାମୀଣ ଅଞ୍ଚଳମାନଙ୍କୁ ନିରବଚ୍ଛିନ୍ନ ଟେଲି ସଂଯୋଗ ଯୋଗାଇଦେଇ ସେଠାକାର ନିବାସୀମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନେ ବିଭିନ୍ନ ସରକାରୀ ସେବା ଓ ଆପତ୍କାଳୀନ ସହାୟତା ସୁବିଧାରୁ ଲାଭାନ୍ୱିତ ହେବାର ଅବସର ପାଇବେ। ଏଥିସହିତ, ଭାରତମାଳା ପରିଯୋଜନା ଅଧୀନରେ ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁରରୁ କଟକ ଜିଲ୍ଲାର ଟାଙ୍ଗି ପର୍ଯ୍ୟନ୍ତ ଏକ ସଡ଼କ ନିର୍ମାଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସଡ଼କ ସଂଯୋଗ ପ୍ରକଳ୍ପ କମିଟି ସମ୍ମୁଖରେ ପ୍ରସ୍ତାବିତ କରା ଯାଇଥିଲା ଓ ଉକ୍ତ ପ୍ରକଳ୍ପଟି କଟକ ଏବଂ ଭୁବନେଶ୍ୱର ମଧ୍ୟରେ ଅତିକ୍ରମ କରୁଥିବା ଜାତୀୟ ରାଜପଥ ନମ୍ବର ୧୬ ରେ ସଡ଼କ ଯାତାୟାତର ଭିଡକୁ କମାଇବା ଏବଂ ଲୋକମାନଙ୍କୁ ଉନ୍ନତ ଯାତାୟତ ସୁବିଧା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ। ବିସ୍ତୃତ ଆଲୋଚନା ଏବଂ ପର୍ଯ୍ୟାଲୋଚନା ପରେ କମିଟି ନିମ୍ନଲିଖିତ ୫ ଗୋଟି ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦନ କରାଯାଇ କେନ୍ଦ୍ରୀୟ ବନ୍ୟପ୍ରାଣୀ ପରିଷଦ, କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ। ବୈଠକରେ ଭଟଲି ବିଧାୟକ ଦେବାଶିଷ ଆଚାର୍ଯ୍ୟ, ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର ଝା, ପୋଲିସ ମହାନିର୍ଦ୍ଦେଶକ କ୍ରାଇମ ବ୍ରାଞ୍ଚ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ପାନୀୟ ଜଳ ପ୍ରକଳ୍ପ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୬।୧୨(ମହାଭାରତ):** ଭୁବନେଶ୍ୱରର ଲୋକସେବା ଭବନର କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଏକ ଉଚ୍ଚସ୍ତରୀୟ ବ୍ୟାପକ ସମୀକ୍ଷା ବୈଠକ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥିତ ଅତିରିକ୍ତ ୨୦୦ ଦିନର ନିଯୁକ୍ତିର ପ୍ରଭାବଶାଳୀ ବ୍ୟବସ୍ଥା ମାଧ୍ୟମରେ ଦାଦନପ୍ରବଣ ଅଞ୍ଚଳରେ ଦାଦନ ସମସ୍ୟାକୁ ରୋକିବା ଉପରେ ବିଶେଷ ଧ୍ୟାନ ଦେଇ ଏମଜିନରେଗା କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ । ସେ ସମୟସୀମା ମଧ୍ୟରେ ମଜୁରୀ ପ୍ରଦାନ, ଗୁଣାତ୍ମକ ଗ୍ରାମୀଣ ଭିତିଭୂମି ସୃଷ୍ଟି ଏବଂ ସ୍ଥାୟୀ ଜୀବିକା ବୃଦ୍ଧି ନିମନ୍ତେ ପ୍ରଥମ ୧୦୦ ଦିନ ପାଇଁ ୯୮ ଟଙ୍କା ଓ ପରବର୍ତୀ ୨୦୦ ଦିନ ପାଇଁ ୩୭୧ ଟଙ୍କା ଅତିରିକ୍ତ ରାଜ୍ୟ ସହାୟତା ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ଶ୍ରମ କାର୍ଡ ପଞ୍ଜୀକରଣ ଏବଂ ଲାଭ ବଣ୍ଟନ ସମୀକ୍ଷା କରି, ମନ୍ତ୍ରୀ ସମସ୍ତ ଯୋଗ୍ୟ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରିବା ସହ ସେମାନଙ୍କୁ ସମୟସୀମା ମଧ୍ୟରେ ସ୍ୱଚ୍ଛ ଭାବରେ ସମସ୍ତ ଗ୍ରହଣୀୟ ସୁବିଧା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଜାରି ରହିଥିବା ପଦକ୍ଷେପ ସମେତ ରାଜ୍ୟବ୍ୟାପୀ ପାନୀୟ ଜଳ ଯୋଗାଣ ଭିତିଭୂମିର ଅଗ୍ରଗତି ବାବଦରେ ମଧ ସମୀକ୍ଷା କରାଯାଇଥିଲା। ମାର୍ଚ୍ଚ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ପେଶାର କାର୍ଯ୍ୟାନ୍ୱୟନ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ ବିଭାଗରୁ ମତାମତ ଗ୍ରହଣ କରାଯାଇଛି ଏବଂ ଡ୍ରାଫଟ ନିୟମାବଳୀକୁ ଆଗାମୀ ବୈଠକରେ ଜନଜାତୀୟ ପରାମର୍ଶଦାତା କମିଟି ସମ୍ମୁଖରେ ଅବଲୋକନ ପାଇଁ ରଖାଯିବ ବୋଲି ସୂଚନା ଦିଆଯାଇଥିଲା। ବିକାଶିତ ଗାଁ ବିକାଶ ଓଡ଼ିଶା ଅଧୀନରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି, ମନ୍ତ୍ରୀ ବ୍ୟାପକ ଗ୍ରାମୀଣ ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରକଳ୍ପଗୁଡ଼ିକର ସମୟସୀମା ସମାପ୍ତ କରିବା ପାଇଁ ରିଅଲ- ଟାଇମ ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ, ଯୋଗ୍ୟ ହିତାଧିକାରୀଙ୍କୁ ୧.୬୮ ଲକ୍ଷ ଘର ଯୋଗାଇ ଦିଆଯାଇ ସାରିଛି। ମନ୍ତ୍ରୀ ସେସବୁର ନିର୍ମାଣ ଗୁଣବତା ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅବଶିଷ୍ଟ ହିତାଧିକାରୀଙ୍କୁ ସଠିକ୍ ଭାବରେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଦ୍ୱାରା ପ୍ରତ୍ୟେକ ଯୋଗ୍ୟ ପରିବାର ଲାଭ ପାଇପାରିବେ ଏବଂ ତୃଣମୂଳ ସ୍ତର ପର୍ଯ୍ୟନ୍ତ ବିକାଶକୁ ସୁନିଶ୍ଚିତ କରିବାରେ ଅନ୍ତ୍ୟୋଦୟର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ।

ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ.ଏନ. ଗିରିଶ, ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିର୍ଦ୍ଦେଶକ ଶ୍ରୀମତୀ ମଧୁମିତା ସାମଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାରବାଟୀ ଷ୍ଟାଡିୟମ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

**କଟକ,୬।୧୨(ମହାଭାରତ):** ଆସନ୍ତା ୯ ତାରିଖରେ ବାରବାଟି ଷ୍ଟାଡିୟମ୍ ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର



କହିଛନ୍ତି।

ଏହା ସହ ପାର୍କିଂ ଓ ଟ୍ରାଫିକ୍‌ର ସୁପରିଚାଳନା, ପ୍ରବେଶ ଓ ପ୍ରସ୍ଥାନ ପଥରେ କଡା କଡ଼ି ଚେକିଂ, ସିସିଟିଭି ସର୍ଭେଲାନ୍ସ , ପୁଲିସ ବ୍ୟବସ୍ଥା, ଖେଳାଳିଙ୍କ ଆଗମନ ଓ ପ୍ରସ୍ଥାନ ସମୟରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଚଳିତ ବର୍ଷ ଓଡ଼ିଶା କ୍ରିକେଟ ଆସୋସିଏସନ ତରଫରୁ ସୁନ୍ଦର ବ୍ୟବସ୍ଥା କରାଯାଇଛି ଏବଂ କ୍ରିଡାପ୍ରେମୀ ମାନେ ଏକ ସୁନ୍ଦର ଅନୁଭୂତି ନେଇ ଖେଳ ଉପଭୋଗ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ।

# ୨୦୪୭ ସୁଦ୍ଧା ରାଜ୍ୟରେ ୧୫ ବିମାନ ବନ୍ଦର

**ଭୁବନେଶ୍ୱର,୬।୧୨(ମହାଭାରତ):** ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଶନିବାର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବିମାନ ଚଳାଚଳ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ, କମିଶନର-କମ୍ ଶାସନ ସଚିବ ପର୍ଯ୍ୟଟନ ବଳବନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ, ଯାହା ବିକଶିତ ଓଡ଼ିଶା ୨୦୩୬-୪୭ର ଦୃଷ୍ଟିକୋଣ ସହିତ ଓଡ଼ିଶାର ବିମାନ ଚଳାଚଳ ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ ଦେଇଥିଲା।



କମିଟି ବିମାନ ଚଳାଚଳ କ୍ଷେତ୍ରରେ ପ୍ରମୁଖ ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲା ଏବଂ ଭିତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା, ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଏକ ସକ୍ଷମ ନୀତିଗତ ପରିବେଶ ସୃଷ୍ଟି କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଥିଲା। ଆଲୋଚନାର ଏକ ପ୍ରମୁଖ ଆକର୍ଷଣ ଥିଲା ୨୦୪୭ ସୁଦ୍ଧା ୧୫ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ରାଜ୍ୟର ଦୀର୍ଘକାଳୀନ ଲକ୍ଷ୍ୟ, ଯାହା ଏକ ମାଇଲଖୁଣ୍ଟ ଓ ଓଡ଼ିଶାର ଆଞ୍ଚଳିକ, ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ।

ବୈଠକରେ ଓଡ଼ିଶାରେ ବିମାନ ଚଳାଚଳ ଶିଳ୍ପ ପାଇଁ ଏକ ଦୃଢ଼ ପ୍ରତିଭା ପୁଲ ବିକାଶ କରିବା ପାଇଁ ଉଡ଼ାଣ ତାଲିମ ସଂଗଠନ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ନୀତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଢେଙ୍କାନାଳରେ ବିମାନ ଚଳାଚଳ କେନ୍ଦ୍ରର କାର୍ଯ୍ୟକ୍ଷମ ନେଇ ମଧ ସମୀକ୍ଷା କରାଯାଇଥିଲା, ଏହାକୁ ଉଡ଼ାଣ ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିୟାମକ ପ୍ରକ୍ରିୟାକୁ ସୁଗମ କରିବା, ଘରୋଇ ନିବେଶକୁ ଆକର୍ଷିତ କରିବା ଏବଂ ସମଗ୍ର କ୍ଷେତ୍ରରେ ସମାନ ଅଭିବୃଦ୍ଧିକୁ ସହଜ କରିବା ପାଇଁ ଏକ ବ୍ୟାପକ ରାଜ୍ୟ ବିମାନ ଚଳାଚଳ ନୀତି ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ, କମିଟି ଓଡ଼ିଶାର ବିମାନ ଚଳାଚଳ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ରାଜ୍ୟକୁ ନୂତନ ଶିଳ୍ପ ଆକର୍ଷିତ କରିବା ପାଇଁ ଶିଳ୍ପ ନୀତି ସଂକଳ୍ପ ଅଧୀନରେ ବିମାନ ଉତ୍ପାଦନ ଏବଂ ଏମଆରଓ (ରକ୍ଷଣାବେକ୍ଷଣଏବଂ ମରାମତି) ସୁବିଧାଗୁଡ଼ିକୁ ଏକ ପ୍ରମୁଖ କ୍ଷେତ୍ର ଭାବରେ ମାନ୍ୟତା ଦେବା ଉପରେ ବିଚାର କରିଥିଲା। ଆଲୋଚନାରେ ସାଧାରଣ ବିମାନ ସଂଯୋଗକୁ ବିସ୍ତାର କରିବା ଏବଂ କ୍ଷୁଦ୍ର ବିମାନ-ଭିତ୍ତିକ ସେବା ମାଧ୍ୟମରେ ଆଞ୍ଚଳିକ ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଗନ୍ତବ୍ୟ ନୀତିର ବିକାଶ ମଧ ଅନ୍ତର୍ଭୁକ୍ତ ଥିଲା, ବିଶେଷକରି ଦୂରଦୂରାନ୍ତ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ।

ପୁରୀରେ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ବିମାନବନ୍ଦର ଏବଂ ବିମାନଘାଟିର ବିକାଶର ଅଗ୍ରଗତି, ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ପୂର୍ବ ଭାରତରେ ଓଡ଼ିଶାକୁ ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିବେଶ ପାଇଁ ନୂତନ ଦିଗନ୍ତ ଉନ୍ମୋଚନ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ସକ୍ରିୟ ଯୋଜନାର ଗୁରୁତ୍ୱ ଉପରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ଏବଂ ଝାରସୁଗୁଡ଼ାକୁ ସଂଯୋଗୀକରଣ ମଧ ସମୀକ୍ଷା କରାଯାଇଥିଲା।

## ମାଣ୍ଡିଆ ରସାବଳି



***ଆବଶ୍ୟକ ସାମଗ୍ରୀ:*** *ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ*

***ପ୍ରସ୍ତୁତି ପ୍ରଣାଳୀ:*** *ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।*

*ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ । ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।*

### ଖବର

## ଭଉଣୀ ବାହାଘରକୁ ନେଇ ଭାବବିହ୍ୱଳ ହେଲେ କାର୍ତ୍ତିକ ଆର୍ଯ୍ୟନ





ପାଇଲଟ୍ ତେଜସ୍ୱୀ କୁମାର ସିଂହଙ୍କୁ ବିବାହ କଲେ ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଭଉଣୀ କୃତିକା ତିୱାରୀ । ଏହାରି ମଧ୍ୟରେ ଅଭିନେତା କାର୍ତ୍ତିକ ଏକ ଭାବପ୍ରବଣ ପୋଷ୍ଟ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଯେଉଁଥିରେ କାର୍ତ୍ତିକଙ୍କ ଲମ୍ବା ନୋଟ୍ ସହ ଅନେକ ଫଟୋର ଝଲକ ମଧ୍ୟ ଦେଖିବାକୁ ମିଳିଛି । ଏଥି ସହିତ ଅଭିନେତା ତାଙ୍କ ଭଉଣୀଙ୍କୁ ନୂଆ ଯାତ୍ରା ପାଇଁ ଶୁଭକାମନା ଜଣାଇଛନ୍ତି ।କାର୍ତ୍ତିକ ଆର୍ଯ୍ୟନ୍ ତାଙ୍କ ଇନଷ୍ଟାଗ୍ରାମ ଆକାଉ□ରେ ଲେଖିଛନ୍ତି ଯେ, କିଛି ଦିନ ଏମିତି ଅଛି ଯାହା ଚୁପଚାପ୍ ଭାବେ ତୁମର ଦୁନିଆକୁ ବଦଳାଇ ଦେଇଥାଏ । ସେହି ଦିନ ମଧ୍ୟରୁ ଆଜି ହେଉଛି ଗୋଟିଏ । ମୋ କିକିକୁ କନ୍ୟା ବେଶରେ ଦେଖି ଏମିତି ଲାଗୁଥିଲା ଯେ ସତେ ଯେମିତି ସବୁ ଗୋଟିଏ ମୁହୂର୍ତ୍ତରେ ବଦଳିଗଲା । ସେହି କିକି ଯିଏ ଛୋଟବେଳେ ପଛେ ପଛେ ଦୌଡୁଥିଲା ତାକୁ ଆଜି କନ୍ୟା ବେଶରେ ଦେଖୁଛି । ଆଜି ସେ ଆଉ ଏକ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛି ।'' ତେଣୁ ସେ ତାଙ୍କ ଭଉଣୀଙ୍କ ପାଇଁ ଗର୍ବିତ ଥିବା ମଧ୍ୟ ଲେଖିଛନ୍ତି ଯେ, ''ତୁମେ ଏକ ନୂଆ ଜୀବନ ଆରମ୍ଭ କଲେ ମଧ୍ୟ ସବୁବେଳେ ଛୋଟ ଭଉଣୀ ହୋଇ ରହିଥିବ । ତୁମେ ଆମର ପରିବାରର ଜୀବନ । ମୁଁ ପ୍ରାର୍ଥନା କରୁଛି ତୁମେ ଯେଉଁ ସ୍ୱପ୍ନ ଦେଖିଛ ତାହା ତୁମର ନୂଆ ଯାତ୍ରା ସେ ସବୁକିଛି ଦେଉ ।''ଯଦି କାର୍ତିକ ଆର୍ଯ୍ୟନଙ୍କ କ୍ୟାରିୟର କଥା କୁହାଯାଏ ତେବେ ତାଙ୍କୁ କବୀର ଖାନଙ୍କ ଚନ୍ଦୁ ଚମ୍ପିଅନରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା । ପରବର୍ତ୍ତୀ ସମୟରେ ଧର୍ମା ପ୍ରଡକ୍ସନର ତୁ ମେରୀ ମୈଁ ତେରା ମୈଁ ତେରା ତୁ ମେରୀରେ ନଜର ଆସିବେ । ଯେଉଁଥିରେ ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଦେଖିବାକୁ ପାଇବେ ଦର୍ଶକ । ଏହି ଫିଲ୍ମଟି ୨୫ ଡିସେମ୍ବରରେ ଫିଲ୍ମ ହଲରେ ରିଲିଜ ହେବ । ତୁ ମେରୀ ମୈଁ ତେରା ମୈଁ ତେରା ତୁ ମେରୀ ବ୍ୟତୀତ କାର୍ତ୍ତିକ ଧର୍ମା ପ୍ରଡକ୍ସନର ନାଗଜିଲ୍ଲାରେ ମଧ୍ୟ କାମ କରିବାରେ ବ୍ୟସ୍ତ ରହିଛନ୍ତି ।

## ହନୁମାନଙ୍କ ପୂଜାର୍ଚ୍ଚନା ସମୟ



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ । କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ । ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି । ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି । ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି । ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ । ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ । ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁକୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ ।

## ଦେବୀ ଦୁର୍ଗାଙ୍କ ଅସ୍ତ୍ରର ଅର୍ଥ

ଦେବୀ ଦୁର୍ଗା ସବୁଠାରୁ ଶକ୍ତିଶାଳୀ । ତାଙ୍କୁ ପୃଥିବୀର ସମସ୍ତ ରାକ୍ଷାସ ମାନଙ୍କୁ ହଟାଇବା ପାଇଁ ଅନେକ ଇଶ୍ୱରଙ୍କ ମିଳିତ ଶକ୍ତି ପ୍ରଦାନ କରାଯାଇଛି । ଦେବୀଙ୍କର ଦଶଟି ବାହୁ ତାଙ୍କ ଭକ୍ତଙ୍କ ସୁରକ୍ଷାକୁ ସୂଚିତ କରେ, ଯାହା ଆକାଶରୁ ପୃଥିବୀ ଯାଏଁ । ବାସ୍ତବରେ, ଦେବୀଙ୍କର ଶକ୍ତି ତାଙ୍କ ଦଶ ହାତରେ ଅସ୍ତ୍ର ଭାବରେ ଚିତ୍ରିତ ହୋଇଛି । ଅସ୍ତ୍ରଶସ୍ତ୍ରର ପ୍ରତୀକ ଏବଂ ଅର୍ଥ ଜାଣନ୍ତୁ -ତ୍ରିଶୂଳ- ଭଗବାନ ଶିବଙ୍କ ଦ୍ୱାରା ଉପହାର ପ୍ରାପ୍ତ ତ୍ରିଶୂଳ ରେ ତିନୋଟି ତୀକ୍ଷ୍ଣ ଧାର ଅଛି ଯାହା ତିନୋଟି ଗୁଣର ପ୍ରତୀକ ଅଟେ - ତନମାସ (ଶାନ୍ତି, ନିଷ୍କ୍ରିୟତା), ସତ୍ୟ (ପରିତ୍ରାଣ, ସକରାତ୍ମକତା ଏବଂ ଶୁଦ୍ଧତା) ଏବଂ ରାଜା (ଶାନ୍ତି,



ହାଇପରାକ୍ଟିଭିଟି ଏବଂ ଇଚ୍ଛା) ଯ ଶଙ୍ଖ- ଶଙ୍ଖ ଶବ୍ଦ ଓମ୍' ନାମକ ଶୁଦ୍ଧ ଏବଂ ପବିତ୍ର ଧ୍ୱନିର ପ୍ରତୀକ ଅଟେ ଯେଉଁଠାରୁ ବ୍ରହ୍ମାଣ୍ଡର ସମସ୍ତ ସୃଷ୍ଟି ହୋଇଥିଲା । ଏହାକୁ ଭଗବାନ ବରୁଣ ଉପହାର ଦେଇଥିଲେ । ସୁଦର୍ଶନ ଚକ୍ର -ଚକ୍ର ହେଉଛି ଭଗବାନ ବିଷ୍ଣୁଙ୍କ ଏକ ଉପହାର ଯାହାର ପ୍ରତୀକ ଅଟେ ଯେ ଜଗତ ଦୁର୍ଗାଙ୍କ ଦ୍ୱାରା ନିୟନ୍ତ୍ରିତ, ଯିଏ ସୃଷ୍ଟିର କେନ୍ଦ୍ର ଅଟେ ଏବଂ ବ୍ରହ୍ମାଣ୍ଡ ତାଙ୍କ ଚାରିପାଖରେ ଘୂରି ବୁଲୁଛି । ଏହା ମଧ୍ୟ ଧାର୍ମିକତା କିମ୍ବା ଧର୍ମର ପ୍ରତୀକ ଅଟେ ଯେହେତୁ ଏହା ଦେବୀଙ୍କ ଆଙ୍ଗୁଠିରେ ଘୂର୍ଣ୍ଣନ କରେ । ଏହି ଅସ୍ତ୍ର ସମସ୍ତ ମନ୍ଦକୁ ନଷ୍ଟ କରିବା ଏବଂ ଧାର୍ମିକମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହୁଏ ।ପଦ୍ମ- ପଦ୍ମ ହେଉଛି ଭଗବାନ ବ୍ରହ୍ମାଙ୍କର ପ୍ରତୀକ ଯାହା ଜ୍ଞାନର ପ୍ରତିନିଧିତ୍ୱ କରେ । ଅନ୍ଧକାର ସମୟରେ ମନରେ ଆଧ୍ୟାତ୍ମିକ ଚେତନାର ଜାଗରଣର ପ୍ରତୀକ ଅଟେ । ଧନୁ ଏବଂ ତୀର- ଧନୁ ଏବଂ ତୀରକୁ ଭଗବାନ ବାୟୁ ଏବଂ ଭଗବାନ ସୂର୍ଯ୍ୟଙ୍କ ଦ୍ୱାରା ଉପହାର ଦିଆଯାଇଛି । ଧନୁ ସମ୍ଭାବ୍ୟ ଶକ୍ତିକୁ ପ୍ରତିନିଧିତ୍ୱ କରେ ଯେତେବେଳେ ତୀରଟି ଗତିଜ ଶକ୍ତି ପାଇଁ ଥାଏ ଯଏହା ମଧ୍ୟ ପ୍ରତୀକ କରେ ଯେ ଦେବୀ ଦୁର୍ଗା ହିଁ ବ୍ରହ୍ମାଣ୍ଡର ସମସ୍ତ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରନ୍ତିଯ ବଜ୍ର- ଭଗବାନ ଇନ୍ଦ୍ରଙ୍କ ଉପହାର ଆତ୍ମା, ନିଷ୍ଠା ଏବଂ ସର୍ବୋଚ୍ଚ ଶକ୍ତିର ପ୍ରତୀକ ଅଟେ । ଦେବୀ ଦୁର୍ଗା ତାଙ୍କ ଭକ୍ତଙ୍କୁ ଅବିସ୍ମରଣୀୟ ଆତ୍ମବିଶ୍ୱାସ ଏବଂ ଇଚ୍ଛାରେ ଶକ୍ତି ପ୍ରଦାନ କରନ୍ତି । ଖଣ୍ଡା-ଭଗବାନ ଗଣେଶଙ୍କ ଦ୍ୱାରା ଦିଆଯାଇଥିବା ଖଣ୍ଡା ଜ୍ଞାନ ଏବଂ ବୁଦ୍ଧିର ପ୍ରତୀକ ଅଟେ ।ଏହା ବୁଦ୍ଧିର ତୀକ୍ଷ୍ଣତାକୁ ଏବଂ ଖଡ୍ଗର ଉଜ୍ଜ୍ୱଳ ଶକ୍ତି ଜ୍ଞାନକୁ ପ୍ରତିପାଦିତ କରେ ।

## ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ । ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି । ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଲୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଶ୍ଲୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ । ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ । ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି । ବିଭିନ୍ନ ହିନ୍ଦୁ ଧର୍ମଗ୍ର୍ୟରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ । ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରତ୍ମକ ରଖିଥାଏ । ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ । ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ । ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ ।ଗ୍ରାହ୍ୟସ୍ତଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା ।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି । ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ । ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି । ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ । ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି । ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ । ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ । ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।

## ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ଆପଣାନ୍ତୁ ଏହି ଜିନିଷ

କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ । ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ



କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ । କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ । ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ । ଆସନ୍ତୁ ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି

■ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ । କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ଡେଡ ସ୍କିନକୁ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ । ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ । କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ ।

■ କଞ୍ଚା କ୍ଷୀର ଆପଣଙ୍କୁ ସୁନ୍ଦର ଚମକଦାର ତ୍ୱଚା ଦେଇଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ । ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ । ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ୍ୟ ବ୍ୟବହାର କରି ପାରିବେ ।

■ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ । ଏଥିରେ ଲାକ୍ଟୋଜ, ପ୍ରୋଟିନ୍ ,କ୍ୟାଲସିୟମ୍, ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି । ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ,ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ । ଫଳରେ ସ୍କିନ୍ ମଇଷ୍ଚରାଇଜ ହୋଇଥାଏ ।

■ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ । ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ ।

# ଏବିପିଏମ୍‌ଜେଏୱାଇ - ଜିଜେଏୱାଇ କ୍ଷମତା ସମ୍ପନ୍ନ କମିଟି ବୈଠକ



**ଭୁବନେଶ୍ୱର,୬।୧୨ (ମହାଭାରତ):** ରାଜ୍ୟର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀମାନଙ୍କ ପାଇଁ ଅବିରତ, ନିର୍ବିଘ୍ନ ଓ ନିଶୁଳ୍କ ଚିକିତ୍ସା ସୁବିଧା ବଜାୟ ରଖିବା ନିମନ୍ତେ ଯୋଜନାର କ୍ଷମତା ସମ୍ପନ୍ନ କମିଟି ନୂଆ ରୋଗୀ - କୈନ୍ଦ୍ରିକ ପଦକ୍ଷେପ ଅନୁମୋଦନ କରିଛନ୍ତି। ମଙ୍ଗଳବାର ଲୋକସଭା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଏହି ପ୍ରସ୍ତାବ ଗୁଡିକ ଆଲୋଚିତ ହୋଇଥିଲା।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଆଲୋଚନା ନିମନ୍ତେ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ ଏବଂ ରାଜ୍ୟ ଭରସା ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ବୃନ୍ଦା ଡି କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ସଦ୍ୟତନ ପ୍ରଦାନ କରିଥିଲେ। ଯୋଜନାର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ସଚିବ ଶ୍ରୀ ଆହୁଜା ତାଲିକାଭୁକ୍ତ ହସ୍ପିଟାଲ ମାନଙ୍କ ଦ୍ୱାରା ସନ୍ଦେହ ଜନକ ଚିକିତ୍ସା ବାବଦ ବିଲ ଦାଖଲ, ବୁଝାମଣା ପତ୍ର ସର୍ତ୍ତର ଉଲଂଘନ ଓ ଅନିୟମିତ କାର୍ଯ୍ୟ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଓଡ଼ିଶା ପାଇଁ ଆୟୁଷ୍ମାନ ଯୋଜନାରେ ଅଙ୍କୋଲୋଜି, ହେମାଟୋଲୋଜି, ଚକ୍ଷୁ ଚିକିତ୍ସା ଆଦି ବିଭାଗର ୭୩ ଟି ନୂଆ ଚିକିତ୍ସା ପ୍ୟାକେଜ ଯୋଗ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଏହା ସହ ରାଜ୍ୟ ପାଇଁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ପ୍ୟାକେଜ ସଂଖ୍ୟା ୨,୧୬୩ କୁ ବୃଦ୍ଧି ପାଇବ। ମେଡିକାଲ ବିଶେଷଜ୍ଞ କମିଟିମାନଙ୍କ ଦ୍ୱାରା ଅଙ୍କୋଲୋଜି ବିଭାଗ ପାଇଁ ସୁପାରିଶ କରାଯାଇଥିବା ୧୨୧ ଟି ନୂଆ ଚିକିତ୍ସା ପ୍ୟାକେଜ, ସହ ୫୫ ଟି ପ୍ୟାକେଜର ଚିକିତ୍ସା ଦାମ ବୃଦ୍ଧି ବିଷୟ ମଧ୍ୟ ଆଲୋଚନା ହୋଇଥିଲା। ଙସରକାରୀ ହସ୍ପିଟାଲମାନଙ୍କରେ ପର୍ଯ୍ୟାୟକ୍ରମେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା, ସ୍ୱାସ୍ଥ୍ୟ ମିତ୍ର ମାନଙ୍କୁ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ଭାବେ ନାମିତ କରିବା, ନୂଆ ସଫ୍ଟୱୟାରକୁ ତଥ୍ୟ ସ୍ଥାନାନ୍ତର ପ୍ରକ୍ରିୟା କାଳରେ ହିତାଧିକାରୀ ପରିବାରର ୬ ରୁ ୧୮ ବର୍ଷ ବୟସ୍କ ପିଲାମାନଙ୍କ ଚିକିତ୍ସା ବାବଦ ବିଲ ପୈଠ ଆଦି ବିଷୟରେ ମଧ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା।

ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ବୈଦ୍ୟୁତିକ ଓ ବୈଷୟିକ ଜ୍ଞାନ କୌଶଳ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଫିଟ୍ ଇଣ୍ଡିଆ ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୬।୧୨ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ 'ଫିଟ୍ ଇଣ୍ଡିଆ ମୁଭମେଂଟ' ଆରମ୍ଭ କରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ଦେଇ ଆସୁଛନ୍ତି। ଏହି 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସମ୍ବଲପୁରରେ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫"ର ଉଦଘାଟନୀ ସମାରୋହରେ ଭିଡ଼ିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, କଳା ଓ ସଂସ୍କୃତିର ସହର ସମ୍ବଲପୁରରେ ଆୟୋଜିତ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫" କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଭାରତର ଶ୍ରେଷ୍ଠ ସାଇକେଲ ଚାଳକମାନଙ୍କ ପ୍ରତିଭାକୁ ଗୋଟିଏ ମଞ୍ଚରେ ଏକାଠି କରିବାର ମହାନ ଅବସର। ଏହି ଚାମ୍ପିଅନସିପ୍ ଚଳିତ ଡିସେମ୍ବର ୨ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ଚାମ୍ପିଅନସିପ୍ ର ମୁଖ୍ୟ ଲକ୍ଷ୍ୟ ହେଉଛି - ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଫିଟ୍ ନେସ୍ ପାଇଁ ଉତ୍ସାହିତ କରିବା। ସେ



ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ଏହି ସାଇକେଲ୍ ଯାତ୍ରା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ସାରା ଭାରତବର୍ଷରୁ ଏହି ପ୍ରତିଯୋଗିତାରେ ପ୍ରାୟ ୮୫୦ରୁ ଅଧିକ ଚାଳକ ଏବଂ ୧୨୨ ଜଣ ଟିମ୍ ଅଧିକାରୀ ଅଂଶଗ୍ରହଣ କରିଛନ୍ତି, ଯାହା ଏକ ଶୁଭ ସଙ୍କେତ। ଏହି ଆହୁରି କହିଛନ୍ତି, ଖେଳାଳିମାନେ ହେଉଛନ୍ତି ଦେଶର ବ୍ରାଣ୍ଡ୍ ଆମ୍ବାସାଡର। ସେମାନଙ୍କର କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଦେଶକୁ ଅନେକ ସଫଳତା ଦେଇଛି। ଜୀବନରେ କାର୍ଯ୍ୟ କରିବା ଯେପରି ଜରୁରୀ, ସେହିପରି ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳ ଏବଂ ଫିଟନେସ୍ ମଧ୍ୟ ଜରୁରୀ। ଏହି ଚାମ୍ପିୟନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ କେବଳ ପ୍ରତିଯୋଗିତା କରନ୍ତୁ ନାହିଁ, ବରଂ ନିଜ ନିଜ ମଧ୍ୟରେ କ୍ରୀଡ଼ା ମନୋଭାବ ମଧ୍ୟ ବଜାୟ ରଖନ୍ତୁ। ଆଜି ଜାତୀୟ ଶିକ୍ଷା ନୀତି - ୨୦୨୦ରେ ଖେଳ; ପାଠପଢାର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ଏହି ଶିକ୍ଷା ନୀତିର ନୀତିର ଲକ୍ଷ୍ୟ ହେଉଛି, ପିଲାମାନଙ୍କୁ ତୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ୍ସ ପର୍ଯ୍ୟନ୍ତ ଏକ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା। ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁରରୁ ଆରମ୍ଭ ହେଉଥିବା ଏହି ଯାତ୍ରା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସ୍ଥାନକୁ ମଜବୁତ୍ କରିବ। ଏହି ପ୍ରତିଯୋଗିତା କେବଳ ସମ୍ବଲପୁରର ପରିଚୟ ବଢାଇବ ନାହିଁ, ବରଂ ଆମର 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପକୁ ମଧ୍ୟ ସୁଦୃଢ଼ କରିବ ଏବଂ ଅନ୍ୟମାନଙ୍କୁ ସାଇକେଲିଂ ଓ ଫିଟ୍‌ନେସ୍ ଆଡ଼କୁ ଆକର୍ଷିତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ମନରେଗା ଅତିରିକ୍ତ ସହାୟତା ଅବଧି ବୃଦ୍ଧି

**ଭୁବନେଶ୍ୱର,୬।୧୨ (ମହାଭାରତ):** ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ଏବଂ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହ ସ୍ଥାୟୀ ଜୀବିକା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତି ଗ୍ରହଣ କରି, ଓଡ଼ିଶା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଆଇନ ଯୋଜନା ଅଧୀନରେ ରାଜ୍ୟର ଅତିରିକ୍ତ ସହାୟତାକୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ସହାୟତା ୯ଟି ଜିଲ୍ଲାର ୩୦ଟି ବ୍ଲକ୍ ର ୫.୫୭ ଲକ୍ଷ ପରିବାରକୁ ଲାଭ ଦେବ, ଯାହା ସେମାନଙ୍କ ନିଜ ଗାଁ ମଧ୍ୟରେ ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ଏବଂ ରାଜ୍ୟ ବାହାରକୁ ଶ୍ରମିକଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ହ୍ରାସ କରିବ।

ଏହି ସ୍ୱତନ୍ତ୍ର ସହାୟତା ଲାଗୁ ହେବା ଦ୍ୱାରା ଗ୍ରାମୀଣ ପରିବାରଗୁଡ଼ିକ ଏବେ ବାର୍ଷିକ ୩୦୦ ଦିନର ନିଶ୍ଚିତ ମଜୁରୀ ପାଇବେ। ଏହି ସ୍ୱତନ୍ତ୍ର ସହାୟତା ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟ ସରକାର ଉକ୍ତ ବର୍ଦ୍ଧିତ ମଜୁରୀ ପ୍ରଦାନ କରିବେ। ପ୍ରଥମ ୧୦୦ ଦିନ ପାଇଁ, ରାଜ୍ୟ ସରକାର ଅଧିସୂଚିତ ମନରେଗା ମଜୁରୀ ବ୍ୟତୀତ ୯୮ ଅତିରିକ୍ତ ଦୈନିକ ମଜୁରୀ ପ୍ରଦାନ କରିବେ। ଅତିରିକ୍ତ ୨୦୦ ଦିନ କାର୍ଯ୍ୟଦିବସ ପାଇଁ ମନରେଗା ନିର୍ଦ୍ଧାରିତ ଦୈନିକ ମଜୁରୀ ସହ ଅତିରିକ୍ତ ମଜୁରୀ ରାଜ୍ୟ ସରକାର ପ୍ରଦାନକରିବେ କ୍ଷ ଏହି ପଦକ୍ଷେପ ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ସହ ଜୀବିକା ସୁରକ୍ଷାକୁ ସୁନିଶ୍ଚିତ କରିବ, ଗ୍ରାମୀଣ ଆୟକୁ ସୁଦୃଢ଼ କରିବ ଏବଂ ତୃଣମୂଳ ସ୍ତରରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବ।

# ବିବିଧତାରେ ଏକତା ହେଉଛି ଭାରତର ଶକ୍ତି



**ଭୁବନେଶ୍ୱର,୬।୧୨ (ମହାଭାରତ):** ବିବିଧତାରେ ଏକତା ହେଉଛି ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଳିତ ଜାତୀୟ ଦାୟିତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିବା ସହିତ ଦେଶରେ ବିବିଧତାରେ ଏକତାର ଭାବନାକୁ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି। ମଙ୍ଗଳବାର ଲୋକ ଭବନର ନୂତନ ଅଭିଷେକ ହଲରେ ଆୟୋଜିତ ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ। ଆସାମ ଏବଂ ନାଗାଲାଣ୍ଡର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ଅବସର କେବଳ ଏହି ଦୁଇଟି ଗର୍ବିତ ରାଜ୍ୟର ସମୃଦ୍ଧ ଇତିହାସ ନୁହେଁ ବରଂ ଦେଶକୁ ଏକତା, ସମ୍ମାନ ଏବଂ ଏକ ମିଳିତ ଦୃଷ୍ଟିକୋଣ ସହିତ ବାନ୍ଧି ରଖୁଥିବା ମୂଲ୍ୟବୋଧକୁ ମଧ ପ୍ରତିଫଳିତ କରେ। ଯେତେବେଳେ ଏହାର ବିବିଧତାକୁ ଆନ୍ତରିକତାର ସହିତ ସମ୍ମାନିତ କରାଯାଏ ସେତେବେଳେ ଭାରତ ଅଧିକ ଶକ୍ତିଶାଳୀ ହୁଏ। ଉତ୍ତର-ପୂର୍ବାଞ୍ଚଳ ବିଷୟରେ ବିଶେଷ କରି ଏହାର ଭାବପ୍ରବଣ ସ୍ଥାନ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ ଏବଂ କହିଥିଲେ ଯେ ଏହା ଘରର ପବିତ୍ର ଉତ୍ତର-ପୂର୍ବ କୋଣ ସହିତ ତୁଳନୀୟୟ ଏହି ଅ ଳକୁ ପ୍ରକୃତି, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ଏକ ଅନନ୍ୟ ମିଶ୍ରଣ ଭାବରେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଆସାମ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଏହା ବ୍ରହ୍ମପୁତ୍ରର ଭୂମି, ସୁସଜ୍ଜିତ ଚ ବଗିଚ, ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ, ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିହୁ ଭଳି ସ୍ପନ୍ଦନଶୀଳ ସାଂସ୍କୃତିକ ଉତ୍ସବର ମାଟି। ଆସାମ ଉତ୍ତର-ପୂର୍ବର ଏକ ସାଂସ୍କୃତିକ ବନ୍ଧନ ଭାବରେ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ନାଗାଲାଣ୍ଡ ବିଷୟରେ ରାଜ୍ୟପାଳ ଉଲ୍ଲେଖ କରି ଏହାର ଆଦିବାସୀ ଐତିହ୍ୟ, ହର୍ଣ୍ଣବିଲ୍ ମହୋତ୍ସବ ଏବଂ ସାମୁହିକ ଜୀବନର ଭାବନାକୁ ବିବିଧତାରେ ଏକତାର ପ୍ରତିଫଳନ ବୋଲି କହିବା ସହ ପ୍ରଶଂସା କରିଥିଲେ। ନାଗାଲାଣ୍ଡର ଲୋକଙ୍କ ସଚ୍ଚୋଟତା ଏବଂ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ ଭାରତର ବିକାଶ ପ୍ରତ୍ୟେକ ରାଜ୍ୟ ଏବଂ ପ୍ରତ୍ୟେକ ସଂସ୍କୃତି ଦ୍ୱାରା ଆକୃତିପ୍ରାପ୍ତ ଏକ ସାମୂହିକ ଯାତ୍ରା। ଯେତେବେଳେ ଦେଶ ପାରସ୍ପରିକ ସମ୍ମାନ ଏବଂ ସହଭାଗୀ ଦାୟିତ୍ୱ ସହିତ ଅଗ୍ରଗତି କରେ ସେତେବେଳେ ଚ୍ୟାଲେଞ୍ଜ ଗୁଡ଼ିକ ଦୂର କରିବା ସହଜ ହୋଇଯାଏ ଏବଂ ସାମୂହିକ ଲକ୍ଷ୍ୟ ହାସଲ କରାଯାଇଥାଏ।

# ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଲେଚନାଚକ୍ର

**କଟକ,୬।୧୨ (ମହାଭାରତ):** ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ପ୍ରାଚୀ ସେଣ୍ଟର ଫର କଲ୍‌ଚରାଲ ରିଲେସନ୍ସର ମିଳିତ ଆନୁକୁଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ମନୋରମା ମେମୋରିଆଲ ହଲ୍ ରେ 'ଛାୟାବାଦୋତ୍ତର କବିତାରେ ସମାଜ-ବୋଧ' ଶୀର୍ଷକରେ ଏକ ଆଲେଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲେଚନାଚକ୍ରରେ ହିନ୍ଦୀ ବିଭାଗର ମୁଖ୍ୟ ଡକ୍ଟର ଅଭିଷେକ ଶର୍ମା ସ୍ୱଗତ ଭାଷଣ ଦେଇ ଛାୟାବାଦୋତ୍ତର କାବ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ସଭାପତିତ୍ୱ କରି ପ୍ରଫେସର ବିକ୍ରମ କେଶରୀ ମିଶ୍ର ସାହିତ୍ୟ ଏବଂ ସମାଜଶାସ୍ତ୍ର ମଧ୍ୟରେ ଥିବା ଅର୍ନ୍ତସମ୍ବନ୍ଧ ବିଷୟରେ ଚର୍ଚ୍ଚା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ବିଶିଷ୍ଟ ଅତିଥି ପ୍ରଫେସର ଅନିଲ କୁମାର ତ୍ରିପାଠୀ, ପ୍ରଫେସର ବନ୍ଦନା ଝା, ଶ୍ରୀ ପ୍ରବେଶ ପାଣ୍ଡେୟ, ଶ୍ରୀ ସନ୍ଦିପ ଦ୍ୱିବେଦୀ, ଶ୍ରୀ ବିକାସ କୁମାର ଯୋଗଦାନ କରି ଛାୟାବାଦୋତ୍ତର କବିତାରେ ସମାଜ-ବୋଧ ଉପରେ ଆଲୋକପାତ କରିଥିଲେ। ପ୍ରାଚୀ ସେଣ୍ଟର ଫର କଲ୍‌ଚରାଲ ରିଲେସନ୍ସର ସଭାପତି ପ୍ରଫେସର ଡକ୍ଟର ମନ୍ଦାକିନୀ ଦାସ ଯୋଗଦାନ କରି ଛାୟାବାଦୋତ୍ତର କବିତାରେ ଉପରେ ଆଲୋଚନା କରିଥିଲେ। ସୁଶ୍ରୀ ଶାମୁକା ପଟ୍ଟନାୟକ ସଂଯୋଜନା, ସୁଶ୍ରୀ ଗାୟତ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସଂଜୟ କୁମାର ଜାୟସୱାଲ, ଡ. ସୁଶାନ୍ତ ବିଶ୍ୱାଳ, ଡ. ଗଣେଶ ରଜକ, ଡ.ଲୋପାମୁଦ୍ରା ବେହେରା, ଡ. ନମିତା ସ୍ୱାଇଁ, ଡ.ମଧୁସ୍ମିତା ଦାଶ ଏବଂ ଶ୍ରୀମାନ ରଘୁନନ୍ଦନ ମହାପାତ୍ର ଆଦି ବିଶିଷ୍ଟ ବକ୍ତା ଭାବେ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲେଚନା କରିଥିଲେ। ସୁଶ୍ରୀ ନିହାରୀକା ଦଳାଇ, ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ, ସୁଶ୍ରୀ ପ୍ରୀତି ପ୍ରୀୟା ଦାସ, ଏହିସଭାରେ ସହଯୋଗ କରିଥିଲେ।

# ପଦଯାତ୍ରାର ଅନୁଭୂତି ନେଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅ



**ଭୁବନେଶ୍ୱର,୬।୧୨ (ମହାଭାରତ):** ଚିରସ୍ମରଣୀୟ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିରାଟ ଭାରତବର୍ଷ ଗଠନର ପ୍ରମୁଖ ବିଦ୍ଧାଣୀ ଥିଲେ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏବଂ ଯୁବପୀଢ଼ୀଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତବ୍ୟ ଭାବନାକୁ ଜାଗ୍ରତ କରିବା ନିମନ୍ତେ ଅକ୍ଟୋବର ୩୧ରୁ ଦେଶବ୍ୟାପୀ ତାଙ୍କ ଜନ୍ମଜୟନ୍ତୀ ପାଳନ କରାଯାଉଛି। ଶେଷ ପର୍ଯ୍ୟାୟରେ ସର୍ଦ୍ଦାର ପଟେଲଙ୍କ ଜନ୍ମସ୍ଥାନ ଗୁଜୁରାଟର କରମସଦରୁ କେଭଡିଆସ୍ଥିତ ବିରାଟ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ୧୫୦ କିଲୋମିଟର ପଦଯାତ୍ରା ଆୟୋଜନ କରାଯାଇଥିଲା। ଓଡ଼ିଶାର ସାଢ଼େ ୪ କୋଟି ଜନତାଙ୍କ ମଧ୍ୟରୁ ୭୪ ଜଣ ପଦଯାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗନେବାର ସୁଯୋଗ ପାଇଥିଲେ। ଏନେଇ ଉକ୍ତ ପଦଯାତ୍ରୀମାନଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଯୁବମୋର୍ଚ୍ଚାର ପଦଯାତ୍ରୀମାନଙ୍କ ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଚଳିତ ବର୍ଷ ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ବର୍ଷ। ଏହି ବର୍ଷ ଡ. ହରେକୃଷ୍ଣ ମହାତାବଙ୍କ ୧୨୫ତମ ଜନ୍ମଜୟନ୍ତୀ, ଅଟଳବିହାରୀ ବାଜପେୟୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ, ବନ୍ଦେ ମାତରମ୍, ଭଗବାନ ବିର୍ସାମୁଣ୍ଡା ଓ ସର୍ଦ୍ଦାର ପଟେଲଙ୍କ ୧୫୦ ବର୍ଷ ଜୟନ୍ତୀ ଆମେ ପାଳନ କରୁଛୁ। ଏହା ଆମ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଓ ପ୍ରେରଣା ଭରିଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ବିକଶିତ ଭାରତ ଓ ୨୦୩୬ ବିକଶିତ ଓଡ଼ିଶା ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଥିରେ ଯୁବପିଢ଼ୀଙ୍କ ପ୍ରମୁଖ ଯୋଗଦାନ ରହିବ। ଏହି ପଦଯାତ୍ରାରେ ସେମାନେ ଯୋଗଦେଇ ଯେଉଁ ଅନୁଭବ ସାଉଁଟିଛନ୍ତି ତାହାକୁ ଆଧାର କରି ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଯୁବପିଢ଼ୀଙ୍କୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ।

# ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ

**ଭୁବନେଶ୍ୱର,୬।୧୨ (ମହାଭାରତ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରାଯାଇଛି। ରାଜ୍ୟରେ ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ କରିବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଯାଞ୍ଚ କଡାକଡି କରାଯାଇଛି। ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧି ହେଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ ପନିପରିବାର ଦରବୃଦ୍ଧିକୁ ରୋକିବା ପାଇଁ ବିଭାଗର ବିପଣୀ ଗୁପ୍ତବାର୍ତ୍ତା କ୍ଷେତ୍ର କର୍ମଚାରୀ ମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖବଜାରରେ ଯାଞ୍ଚ କରଯାଇଥିଲା। ଚଳିତ ବର୍ଷ ରାଜ୍ୟର ଅନେକ ସ୍ଥାନରେ ଅଦିନିଆ ବର୍ଷା ଯୋଗୁଁ ସ୍ଥାନୀୟ ଋତୁକାଳୀନ ଫସଲ ନଷ୍ଟ ହୋଇଥବାରୁ ଏବଂ ଚାହିଦା ପାଇଁ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ତଥା କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବା ଦୃଷ୍ଟିରୁ ଗତ କିଛିଦିନ ରାଜ୍ୟରେ ଦରଦାମ ବୃଦ୍ଧି ଲକ୍ଷ୍ୟ କରାଯାଇଛି।

# ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ମୋ ମା ମୋ ପ୍ରେରଣା' ଉନ୍ମୋଚିତ

**ଭୁବନେଶ୍ୱର,୬।୧୨ (ମହାଭାରତ):** ଶିକ୍ଷାବିତ୍ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ସଦ୍ୟତମ ପୁସ୍ତକ 'ମୋ ମା ମୋ ପ୍ରେରଣା' ସୋମବାର ଉନ୍ମୋଚିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନ୍ୟ ପାଞ୍ଚଟି ପୁସ୍ତକ ମଧ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶ୍ରୀ ଗଣେଶୀ ଲାଲ୍ ତାଙ୍କ



ଭାଷଣରେ ଉପସ୍ଥିତ ସାହିତ୍ୟିକମାନଙ୍କୁ ଓଡ଼ିଶାରେ ତାଙ୍କର ପୂର୍ବ ସମୟ ଉପରେ ସ୍ମୃତିଚାରଣ କରି କହିଲେ, ଏଠାରେ ମୁଁ ପୂର୍ବ ଅପେକ୍ଷା ଅଧିକ ଗଭୀର ଭାବରେ ମା'ର ଅର୍ଥ ବୁଝିପାରିଲି। ଶ୍ରୀ ସାମନ୍ତଙ୍କ ମା'ଙ୍କୁ ପ୍ରଶଂସା କରି ସେ କହିଲେ, ଅଚ୍ୟୁତଙ୍କ ମାଆ ଗଭୀର ତ୍ୟାଗ କରିଥିଲେ ଏବଂ ଦେବକୀଙ୍କ ପରି ଜଣେ ମା' ଭାବରେ ଯିଏ ଜଗତକୁ କୃଷ୍ଣ ଆଣିଥିଲେ। ମା' ଅପରିହାର୍ଯ୍ୟ। ଯଦି ଆପଣ ଈଶ୍ୱରଙ୍କ ପାଖରେ ପହଞ୍ଚିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପ୍ରଥମେ ଆପଣଙ୍କ ମା'ଙ୍କୁ ସମ୍ମାନ କରିବାକୁ ପଡ଼ିବ।

ଉତ୍ସବରେ ଭାଷଣ ଦେଇ ଶ୍ରୀ ସାମନ୍ତ ଅତୀତର ଏକ ଭାବପ୍ରବଣ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ସେ କହିଲେ, 'ମୁଁ ମନେ ରଖିଛି ଯେତେବେଳେ ରାଜ୍ୟପାଳ ଭାବରେ ପ୍ରଫେସର ଗଣେଶୀ ଲାଲ ଥରେ ମୋର କାମ ଯୋଗୁଁ ଭିନ୍ନ ଗ୍ରହରୁ ଆସିଥିବା ବ୍ୟକ୍ତି ଭାବରେ ମୋତେ ବର୍ଣ୍ଣନା କରିଥିଲେ। ତାଙ୍କର ସ୍ନେହ ମୋତେ ସର୍ବଦା ଉତ୍ସାହିତ କରିଛି। ପ୍ରଫେସର ଶଶାଙ୍କ ଚୂଡାମଣି ତାଙ୍କ ସଭାପତିତ୍ୱ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପ୍ରାରମ୍ଭିକ ସଂଘର୍ଷମୟ ଦିନଗୁଡ଼ିକ ବିଷୟରେ କହିଥିଲେ। ଶିକ୍ଷାବିତ୍ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକଟିର ସମୀକ୍ଷା କରିଥିଲେ। ସାମ୍ବାଦିକ ଓ ସମ୍ପାଦକ ଉମାପଦ ବୋଷ ମଧ୍ୟ ପୁସ୍ତକ ବିଷୟରେ କହିଥିଲେ ଓ ମୋ ମା ମୋ ପ୍ରେରଣା ପ୍ରକାଶକ ବିଦ୍ୟାପୁରୀର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦଯାପିତ

**ଭୁବନେଶ୍ୱର,୬।୧୨ (ମହାଭାରତ):** ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ଏବଂ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ତିନି ଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ଉଦ୍ୟାପିତ ହୋଇଯାଇଛି। ଉଦଘାଟନୀ ସମାରୋହ ପରେ, ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ 'ନିରନ୍ତର ବିକାଶ ଲକ୍ଷ୍ୟ : ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମୁଖ୍ୟବକ୍ତା ରୂପେ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହୁ, ଗ୍ରୀଡକୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ବେଲଜିୟମର କାଥୋଲିଏକେ ବିଶ୍ୱବିଦ୍ୟାଳୟର ପ୍ର.ୱାଲ୍ଟର ଲୁଏଟେନ୍; ଏବଂ ଭୁବନେଶ୍ୱର, ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ, ୧୭ଟି ଏସ୍ଡିଜିର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ପୂର୍ବତନ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ର. ସୁନୀଲ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ର. ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ର. ଗୋପାଳ ଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ - ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ କୁଳପତି ପ୍ର. ପ୍ରଦୀପ କୁମାର ନନ୍ଦ 'ଏସ୍‌ଡ଼ିଜି: ବୈଶ୍ୱିକ ଆହ୍ୱାନର ସମାଧାନ ଦିଗରେ' ଶୀର୍ଷକ ଅନ୍ୟ ଏକ ଅଧିବେଶନରେ ଅଧକ୍ଷତା କରିଥିଲେ, ଯେଉଁଥିରେ ଆଲୋଚକ ଥିଲେ ପ୍ର. ଶରତ କୁମାର ପଳିତା, ପ୍ର. ଦୁଃଖବନ୍ଧୁ ସାହୁ ଏବଂ ଡ. ଅମିତ କୃଷ୍ଣ ଦେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉଦ୍ୟାପନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ତାମିଲନାଡ୍ରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ର. ଆଦିତ୍ୟ ପ୍ରସାଦ ଦାଶ ତଥା ସମ୍ମାନିତ ଅତିଥି ଭାବରେ ଓୟୁଟିଆର କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦାନ କରିଥିଲେ।

# ସଚିବସ୍ତରୀୟ ବୈଠକରେ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା

**ଭୁବନେଶ୍ୱର,୬।୧୨ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଆଜି ସଚିବ ସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଥିବା ଅତ୍ୟନ୍ତ ଜରୁରୀ ପ୍ରକଳ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଗ୍ରାଧିକାର ଦେଇ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ସମ୍ପର୍କିତ ସଦ୍ୟତମ ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ନୂଆ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକୁ ଗତିଶକ୍ତି ପ୍ଲାଟଫର୍ମରେ ବାଧତା ମୂଳକ ସ୍ଥାନିତ କରିବା, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ଜମି, ଆପ୍ରୋଚ୍ ରୋଡ ଏବଂ ଆନୁଷଙ୍ଗିକ ସମସ୍ୟାର ସମାଧାନ କରାଯାଇପାରିବ। ବିଭାଗୀୟ ସଚିବମାନଙ୍କୁ ନିଜସ୍ୱ



ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କରେ ଡାଟାବେସ ପ୍ରସ୍ତୁତ କରାଯାଇଛି। ସେହି ଡାଟାବେସକୁ ଅନ୍ୟତନ କରାଯିବା, ପ୍ରକଳ୍ପ ଗୁଡ଼ିକର ସ୍ଥିତି ଅନୁଧ୍ୟାନ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ କାର୍ଯ୍ୟ ସମୀକ୍ଷା କରାଯିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର କ୍ଷେତ୍ର ଓ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ସଂପର୍କରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଛି।

ବୈଠକରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହିତ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜେଲରୁ ଖସି ପଳାଇଛନ୍ତି ୧୩ କଏଦୀ

**ଭୁବନେଶ୍ୱର,୬।୧୨ (ମହାଭାରତ):** ଗତ ୧୭ ମାସ ମଧ୍ୟରେ ରାଜ୍ୟରେ ମୋଟ ୧୩ ଜଣ କଏଦୀ ଜେଲରୁ ଖସି ପଳାଇଛନ୍ତି ଏବଂ ୮ ଜଣ କଏଦୀ ନିଜ ଜୀବନ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ସେହି ସମୟ ମଧ୍ୟରେ ୩୯ ଜଣ ଅଭିଯୁକ୍ତ ପୁଲିସ ହେପାଜତରୁ ଖସି ପଳାଇବାରେ ସଫଳ ହୋଇଛନ୍ତି। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଘଟଣାଗୁଡ଼ିକ ୧ ଜୁଲାଇ, ୨୦୨୪ରୁ ୧ ଡିସେମ୍ବର, ୨୦୨୫ ମଧ୍ୟରେ ରେକର୍ଡ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କେବଳ ଗତ ବର୍ଷ ୩୧ ଜଣ ବିଚାରାଧୀନ କଏଦୀ ହାଜତରେ ମୃତ୍ୟୁବରଣ କରିଥିଲେ। ରାଜ୍ୟ ଜେଲରୁ ୭୪,୨୩୬ ଜଣ କଏଦୀଙ୍କୁ ମୁକ୍ତ କରାଯାଇଥିଲା। ୨୪ ନଭେମ୍ବର, ୨୦୨୫ ସୁଦ୍ଧା, ଓଡ଼ିଶାର ସମସ୍ତ ଜେଲରେ ମୋଟ ୧୮,୬୫୯ ଜଣ କଏଦୀ ବନ୍ଦୀ ଅଛନ୍ତି। ଜେଲ୍ ସୁରକ୍ଷା ସମ୍ପର୍କରେ ଚିନ୍ତାର ସମାଧାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ସରକାର ଜେଲରେ ମଦ, ନିଶାଦ୍ରବ୍ୟ କିମ୍ବା ଅନ୍ୟାନ୍ୟ ନିଷିଦ୍ଧ ପଦାର୍ଥ ପ୍ରବେଶକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି।

# ନିରୀହ ଜନତାଙ୍କ ପ୍ରାଣହାନୀ

ଜାତିସଂଘ ସାଧାରଣ ପରିଷଦ ଏବଂ ସୁରକ୍ଷା ପରିଷଦ। ସୁରକ୍ଷା ପରିଷଦରେ ୧୫ଜଣ ସଭ୍ୟ ଥିବା ବେଳେ ୫ଟି ଶକ୍ତିଶାଳି ରାଷ୍ଟ୍ର ଆମେରିକା, ରଷିଆ, ବ୍ରିଟେନ, ଫ୍ରାନ୍ସ ଏବଂ ଚୀନ ସ୍ଥାୟୀ ସଦସ୍ୟ ଅଛନ୍ତି। ସେମାନଙ୍କର ଭିଟୋ କ୍ଷମତା ରହିଛି। ଅର୍ଥାତ କୌଣସି ପ୍ରସ୍ତାବକୁ ସେମାନଙ୍କ ମଧ୍ୟରୁ କେହି ଜଣେ ବିରୋଧ କଲେ ତାହା ଗୃହୀତ ହୋଇପାରିବ ନାହିଁ। ଏହି ବ୍ୟବସ୍ଥା ନିହାତି ତ୍ରୁଟିପୂର୍ଣ୍ଣ। ଏହି ବ୍ୟବସ୍ଥା ଯୋଗୁ ଅନେକ ସମୟରେ ଆତଙ୍କବାଦ ବିରୋଧରେ ପ୍ରସ୍ତାବ ଗୃହୀତ ହୋଇପାରୁନାହିଁ। ଗୋଟିଏ ବାକ୍ୟରେ କହିଲେ ଜାତିସଂଘ ସୁରକ୍ଷା ପରିଷଦ ଉକ୍ତ ୫ଟି ଭିଟୋ କ୍ଷମତାସମ୍ପନ୍ନ ଦେଶ ଦ୍ୱାରା ନିୟନ୍ତ୍ରିତ ହେଉଛଇ ଏବଂ ଅନ୍ୟ ସଦସ୍ୟମାନେ ମୂଲ୍ୟହୀନ ହୋଇ ପଡ଼ିଛନ୍ତି। ଏବେ ରଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିରତିରେ ସୁରକ୍ଷା ପରିଷଦ ସଫଳ ହୋଇପାରୁନାହିଁ। କିଛି ଲିବର୍ଷ ତଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଅନ୍ତର୍ଜାତୀୟ ବୈଠକରେ ଉଦବୋଧନ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ର ସଂସ୍କାର ଏବଂ ଏହାର ପୁନର୍ଗଠନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। କରୋନା ମହାମାରୀ ବେଳେ ସ୍ୱାସ୍ଥ୍ୟ ସଙ୍ଗଠନର ଭୂମିକା ନିହାତି ବିବାଦୀୟ ଏବଂ ସମାଲୋଚିତ ହୋଇଥିଲା। କରୋନା ନେଇ ଏହା ଯଥେଷ୍ଟ ପୂର୍ବରୁ ବିଶ୍ୱ ସମୁଦାୟକୁ ଚେତାବନୀ ଦେବାର ଥିଲା। ଏହା ଦ୍ୱାରା ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଜୀବନ ରକ୍ଷା ହୋଇଯାଇଥାନ୍ତା। ସେହିପରି କରୋନାର ଉତ୍ପତ୍ତି ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅନୁସନ୍ଧାନ ଥିଲା ସନ୍ଦେହଜନକ ଓ ମୂଲ୍ୟହୀନ। ଚୀନକୁ ଘଷ୍ଟ ଘୋଡ଼ାଇବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ହୀନ ଉଦ୍ଦେଶ୍ୟକୁ ସମସ୍ତେ ଅନୁଭବ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ପୁନର୍ଗଠନ ନିମନ୍ତେ ମଧ୍ୟ ଦାବି କରିଛନ୍ତି। ଏହି ସଙ୍ଗଠନ ଗଠନର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛି। ମୋଟ ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘ ଯେଉଁ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ୟୁକ୍ରେନ-ରଷିଆ ଯୁଦ୍ଧ ଦୀର୍ଘଦିନ ଧରି ଲାଗି ରହିବା ଏଭଳି ଚିନ୍ତାଧାରାର ଯଥାର୍ଥତାକୁ ପ୍ରତିପାଦିତ କରୁଛି। ୟୁକ୍ରେନରେ ରଷିଆ ଆକ୍ରମଣକୁ ୩ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଯୁଦ୍ଧ ସରିବାର କୌଣସି ସଙ୍କେତ ମିଳିନାହିଁ। ଦୁଇ ପକ୍ଷ ମଧ୍ୟରେ ୪ଥର ଶାନ୍ତି ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ରଷିଆ ଉପରେ କଠୋର ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ ଏହା ପୁଟିନଙ୍କୁ ପ୍ରଭାବିତ କରିପାରିନାହିଁ। ବରଂ ସେ ଅଧିକ କଠୋର ହୋଇଛନ୍ତି। ତେବେ ୟୁକ୍ରେନ ଯେପରି ସାହସର ସହିତ ରୁଷ ସେନାର ସାମନା କରିଛନ୍ତି ତାହା ପ୍ରଶଂସନୀୟ। କେହି ଆଶା କରିନଥିଲେ ଯେ, ଯୁଦ୍ଧ ଏତେ ଦିନ ଲାଗିବ। ୟୁକ୍ରେନ ଏକ ଅପେକ୍ଷାକୃତ ଛୋଟ ଦେଶ। ଏହାର ସାମରିକ ଶକ୍ତି ମଧ୍ୟ ରୁଷ ତୁଳନାରେ କିଛି ନୁହେଁ। ତେଣୁ ସମସ୍ତେ ଆଶା କରୁଥିଲେ ଯେ, ମାତ୍ର ସପ୍ତାହକ ମଧ୍ୟରେ ଯୁଦ୍ଧ ସରିଯିବ। ଯୁଦ୍ଧ ଯେତିକି ଲମ୍ବା ହେଉଛି କ୍ଷୟକ୍ଷତି ସେତିକି ଅଧିକ ହେଉଛି। ଯୁଦ୍ଧରେ ୟୁକ୍ରେନ ଏକରକମ ଛାରଖାର ହୋଇଗଲାଣି। ହଜାର ହଜାର ନିରୀହ ଜନତା ପ୍ରାଣ ହରାଇଲେଣି। ରୁଷର ବି କ୍ଷତି ହୋଇଛି। କିନ୍ତୁ ତାହା କେବଳ ସାମରିକ କ୍ଷେତ୍ରରେ। ଏହାର କୌଣସି ସାଧାରଣ ଜନତା ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇନାହାଁନ୍ତି କିମ୍ବା ଦେଶରେ କିଛି ସମ୍ପତ୍ତି ନଷ୍ଟ ହୋଇନି। ତେବେ ଆଗକୁ ରୁଷକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ଯେଉଁ ଆର୍ଥିକ ପ୍ରତିବନ୍ଧକ ଲଗାଇଛନ୍ତି ତାହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ। ଦେଶର ଆର୍ଥିକ ସ୍ଥିତି ଦୋହଲିଯିବ। କ୍ଷତି ଭରଣା କରିବାକୁ ରୁଷକୁ ଅନେକ ବର୍ଷ ଲାଗିଯିବ। ଏହା ପୁଟିନ ଭଲଭାବେ ବୁଝିଛନ୍ତି।

# ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା

“ ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ ଅନୁଷ୍ଠାନ ‘ୟଙ୍ଗ୍ ଉତ୍କଳ ଏସୋସିଏସନ୍’ର ପାରଳା ଶାଖା ଗଠନ, ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ ତଥା ୧୯୧୪ ମେ ମାସ ୨୫ ତାରିଖ ଠାରୁ ‘ଉତ୍କଳ ହିତୈଷିଣୀ’ର ସଂପାଦକ ଆଦି କାର୍ଯ୍ୟରେ ସଂପୃକ୍ତ ହେଲେ । ‘ଉତ୍କଳ ହିତୈଷିଣୀ ସମାଜ’ ଓଡ଼ିଆ ଭାଷା, ସଂସ୍କୃତି ତଥା ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଗଂଜାମର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଥିଲା ।

।। ଡକ୍ଟର ବାୟାମନୁ ଚର୍ଚ୍ଚ ।।

ଇଂରେଜ ଶାସନ କାଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଏକ ଶାସନାଧୀନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ, ରୟତ ଆନ୍ଦୋଳନ, ନାଟ୍ୟ ଆନ୍ଦୋଳନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ, ପ୍ରଚାର ଓ ପ୍ରସାର ତଥା ଗରିବ ମେଧାବୀ ଛାତ୍ରମାନଙ୍କ ଅଧ୍ୟୟନରେ ସହାୟତା ଆଦି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାରଳାଖେମୁଣ୍ଡି ପରିଚ୍ଛାମଠର ମଠାଧୀଶ ଆପନ୍ନା ପରିଚ୍ଛା । ଜନ୍ମ ତା.୧୬.୨.୧୮୭୯ । ପିତା ଲକ୍ଷ୍ମୀ ନାରାୟଣ ପରିଚ୍ଛା ଏବଂ ମାତା ରତ୍ନମଣି ଦେବୀ । ସେ ଆବାଲ୍ୟରୁ ଶାନ୍ତ, ସୌମ୍ୟ ଓ ନମ୍ର । ଆପନ୍ନାଙ୍କ ପୂର୍ବପୁରୁଷ ଥିଲା କାଳିଆ ପଣ୍ଡା । ଆପନ୍ନା ମାଧ୍ୱ ଗୌଡୀୟ ବୈଷ୍ଣବ ଦୀକ୍ଷା ଗ୍ରହଣ କରି ଶୁଦ୍ଧପୂତ ଜୀବନଯାପନ କରୁଥିଲେ । ବୈଷ୍ଣବ ସାହିତ୍ୟ ଅଧ୍ୟୟନ, ଭଜନ, କୀର୍ତ୍ତନରେ ସେ ଅପାର ଆନନ୍ଦ ପାଉଥିଲେ । ସେ ଥିଲେ ଜଣେ ସାଧୁ, ସଂଭ୍ରାନ୍ତ, ଶିକ୍ଷିତ ଓ ମାର୍ଜିତ ସ୍ୱଭାବ ସଂପନ୍ନ ବ୍ୟକ୍ତି । ବ୍ରିଟିଶ ଶାସନ କାଳରେ ସେ ଅବୈତନିକ ବେଞ୍ଚ ମାଜିଷ୍ଟ୍ରେଟ୍ ଭାବେ ୫ ବର୍ଷରୁ ଅଧିକ କାଳ ପାଇଁ ନିଯୁକ୍ତି ପାଇଥିଲେ ।

ଇଂରେଜ ଶାସନକାଳରେ ଅଣଓଡ଼ିଆଙ୍କ ବିଶେଷ ପ୍ରାଦୁର୍ଭାବ ହେତୁ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଓଡ଼ିଆମାନେ ନାନା ନିର୍ଯାତନା ଭୋଗୁଥିଲେ । ଭାଷା ଓ ସଂସ୍କୃତି ବିପନ୍ନ ହୋଇପଡ଼ିଥିଲା । ଅଣଓଡ଼ିଆମାନେ ବିଭିନ୍ନ ସରକାରୀ ପଦପଦବୀରେ ଥିଲେ । ଗଂଜାମ ଥିଲା ମାଡ୍ରାସ୍ ପ୍ରେସିଡେନ୍‌ସିରେ । ଖଲ୍ଲିକୋଟ ରାଜାଙ୍କ ରମ୍ଭା ରାଜପ୍ରାସାଦରେ ରାଜା ହରିହର ମର୍ଦ୍ଦରାଜଙ୍କର ପୁତ୍ର ରାମଚନ୍ଦ୍ରଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚି ରହିବ, ସେ ସଂପର୍କରେ ଆଲୋଚନା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ ଦାସ । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମନେଲା ଉତ୍କଳ ସମ୍ମିଳନୀ ।

ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ପୁରୀଠାରେ ୧୯୧୩ ମସିହା ଡିସେମ୍ବର ୩୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା ଏବଂ ପାରଳାର ଅନ୍ୟତମ ପ୍ରତିନିଧି ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଯୋଗଦାନ କରିଥିଲେ । ଉଭୟେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ କରିବା ପାଇଁ ଆଲୋଚନା କରି ଅଧିବେଶନରେ ଗୋରାଚାନ୍ଦ ବିଧିବଦ୍ଧ ପ୍ରସ୍ତାବ ଦେଲେ । ସମର୍ଥନ କଲେ ଆପନ୍ନା । ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେଲା । ଆପନ୍ନା ପରିଚ୍ଛା ପୁରୀରୁ ଫେରିଲା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ତା. ୭.୪.୧୯୧୪ରେ ସାକ୍ଷାତ୍ କରି ଏହା ଜଣାଇଲେ । ମହାରାଜା ପ୍ରସନ୍ନ ହେଲେ । ପ୍ରକାଶଯୋଗ୍ୟ ଯେ, ୧୯୧୩ ଏପ୍ରିଲ ୨୬ ତାରିଖ ଦିନ ମହାରାଜା କୃଷ୍ଣଚନ୍ଦ୍ର ଗାଦିପ୍ରାପ୍ତ ହୋଇଥିଲେ । ଡିସେମ୍ବର ୨୫ ଓ ୨୬ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ବଦଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଦେଲେ । ମହାରାଜାଙ୍କ ଅତିଶୟ ଆଗ୍ରହ, ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ ମନୋଭାବ ତଥା ଦୃଢ଼ତା ଲକ୍ଷ୍ୟ କରି କୁଳବୃଦ୍ଧ ମଧୁସୂଦନ ଦାସ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କଲେ । ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ଏହି ଅଧିବେଶନରେ ସଫଳତା ପାଇଁ ଆପନ୍ନା ପରିଚ୍ଛା ପୂର୍ଣ୍ଣ ସମର୍ପିତ ଥିଲେ । ଆପନ୍ନା ପରିଚ୍ଛା ଗଂଜାମର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହ ସଂପର୍କ ସ୍ଥାପନ କରି ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ହେଲେ ।

ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ ଅନୁଷ୍ଠାନ ‘ୟଙ୍ଗ୍ ଉତ୍କଳ ଏସୋସିଏସନ୍’ର ପାରଳା ଶାଖା ଗଠନ, ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ ତଥା ୧୯୧୪ ମେ ମାସ ୨୫ ତାରିଖ ଠାରୁ ‘ଉତ୍କଳ ହିତୈଷିଣୀ’ର ସଂପାଦକ ଆଦି କାର୍ଯ୍ୟରେ ସଂପୃକ୍ତ ହେଲେ । ‘ଉତ୍କଳ ହିତୈଷିଣୀ ସମାଜ’ ଓଡ଼ିଆ ଭାଷା, ସଂସ୍କୃତି ତଥା ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଗଂଜାମର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଥିଲା ।

ପାରଳାଖେମୁଣ୍ଡି ଅଞ୍ଚଳରୁ ସେ ଥିଲେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଦସ୍ୟ । ସେ ୧୯୧୨ ଡିସେମ୍ବର ମାସ କଲିକତା କଂଗ୍ରେସର ମହାଧିବେଶନ, ୧୯୨୩ ଡିସେମ୍ବର କାକିନଡ଼ା କଂଗ୍ରେସ ଅଧିବେଶନରେ ବ୍ୟକ୍ତିଗତ ଖର୍ଚ୍ଚରେ ଯୋଗଦାନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ଗୋପବନ୍ଧୁ ବହୁବାର ପରିଚ୍ଛାମଠକୁ ଆସିଥିଲେ ।

ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ୧୯୨୭ ମସିହା ଡିସେମ୍ବର ୩ ତାରିଖ ଦିନ ଗାନ୍ଧିଜୀ ପାରଳାଖେମୁଣ୍ଡି ଆସିଥିଲେ । ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ସଭାରେ ୧୦ ସହସ୍ର ଲୋକ ଉପସ୍ଥିତ ଥିଲେ ।

ପରିଚ୍ଛା ମଠକୁ ଓଡ଼ିଶାର ସ୍ୱନାମଧନ୍ୟ ଜନନେତା, ସଂଗ୍ରାମୀମାନେ ବହୁବାର ଆସୁଥିଲେ । କୁଳବୃଦ୍ଧ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଅନନ୍ତ ମିଶ୍ର, ଜଗନ୍ନାଥ ମିଶ୍ର, ଶଶିଭୂଷଣ ରଥ, ଲିଙ୍ଗରାଜ ପାଣିଗ୍ରାହୀ, ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀବସ୍ତ ପଣ୍ଡା ଆଦି ସେମାନଙ୍କ ମଧ୍ୟରେ ଥିଲେ ।

ଆପନ୍ନା ପରିଚ୍ଛା ଥିଲେ ଜଣେ ସାହିତ୍ୟ ସ୍ରଷ୍ଟା । ତାଙ୍କ ସୃଷ୍ଟି ମଧ୍ୟରେ ବିଜୟ ବସନ୍ତ ନାଟକ, ଗୋଷ୍ଠ ମିଳନ ନାଟକ, ନବଲୀଳା ବିଳାସ ନାଟକ ପ୍ରକାଶିତ । ଅପ୍ରକାଶିତ ଐତିହାସିକ ନାଟକ- ଚନ୍ଦ୍ରହାସ, ସନ୍ଧି ଉପସନ୍ଧି, ଚଞ୍ଚଳା କୁମାରୀ, କନୌଜ କୁମାରୀ, ହେମଚନ୍ଦ୍ର, ସ୍ୱର୍ଣ୍ଣଲତା ଏବଂ ପୌରାଣିକ ନାଟକ- ସୀତା ବନବାସ, ବିଲ୍ୱମଙ୍ଗଳ, ମାନଭଂଜନ, ହେମଲତା, ରାଧାକୃଷ୍ଣ ପ୍ରଣୟ ଓ ରଘୁନାଥୋପାଖ୍ୟାନ । ପରିଚ୍ଛା ପରିବାରର ନେତୃତ୍ୱ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଦକ୍ଷିଣ ପଶ୍ଚିମ ମୁଣ୍ଡରେ ପ୍ରତିଷ୍ଠିତ ହୋଇଥିଲା ଓଡ଼ିଶାର ପ୍ରଥମ ରଂଗମଞ୍ଚ । ଏହି ରଙ୍ଗମଞ୍ଚରେ ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ନାଟକ ମଞ୍ଚସ୍ଥ ହେଉଥିଲା । ‘ବିପଟଲାଲ’ କମ୍ପାନୀର ଅନେକ ନାଟକ ଏଠାରେ ଅଭିନୀତ ହୋଇଛି । ପରବର୍ତ୍ତୀ ସମୟରେ ଏହି ରଙ୍ଗମଞ୍ଚର ନାମ ପରିବର୍ତ୍ତନ ହୋଇ ‘ପଦ୍ମନାଭ ରଙ୍ଗାଳୟ’ ନାମରେ ନାମିତ ହୋଇଛି । ଆପନ୍ନାଙ୍କ ରଚିତ ନାଟକ ଏଠାରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ଏଠାରେ ପରିବେଷିତ ହେଉଥିବା ନାଟକ ଏତେ ଲୋକପ୍ରିୟ ଥିଲା ଯେ, ସ୍ୱୟଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମଧ୍ୟ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରୁଥିଲେ । ମଞ୍ଜୁଷା, ସୁରଙ୍ଗୀ, ବୁଡ଼ାରସିଂହ, ଖଲ୍ଲିକୋଟର ରାଜାମାନେ ତଥା ଜାତୀୟ କାର୍ଯ୍ୟରେ ଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ନାଟକକୁ ଉପଭୋଗ କରୁଥିଲେ । ଆପନ୍ନା ପରିଚ୍ଛାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ରଙ୍ଗମଞ୍ଚର ନାମ ଥିଲା ‘ବୈଷ୍ଣବାନନ୍ଦ ଦାୟିନୀ ସଭା’ ବା ‘ବୈଷ୍ଣବାନନ୍ଦ ଦାୟିନୀ ସମାଜ’ ବା ‘ରସିକରାଜ ପ୍ରାସାଦୈକ ନାଟକ ସଂଘ’ । ପ୍ରକାଶ କରିବା ପ୍ରାସଙ୍ଗିକ ହେବ ଯେ, ସମାଜ/ ସଭା ଏହି ସମୟରେ ନାଟ୍ୟସଂଘ ଭାବେ ଗ୍ରହଣୀୟ ଥିଲା ।

ଆପନ୍ନା ପରିଚ୍ଛାଙ୍କ ଧର୍ମାଚାରଣ ପ୍ରତି ନିଷ୍ଠା ଓ ଅନୁରାଗ, ସଚ୍ଚୋଟତା, କର୍ମ ଦକ୍ଷତାକୁ ହୃଦୟଙ୍ଗମ କରି ବଡ଼ ରାଧାକାନ୍ତ ମଠର ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ୧୯୧୫ ଜାନୁଆରୀ ୮ ତାରିଖ ଦିନ ଟେକେଲୀ, ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ଥିବା ଆଠଗୋଟି ମଠ ସହ ମନ୍ଦିର, ଭୂସଂପତ୍ତି, ଜଳାଶ୍ରୟ, ଜଙ୍ଗଲ ଆଦିର ମାଲିକାନା ତାଙ୍କୁ ପ୍ରଦାନ କରିଥିଲେ । ଦକ୍ଷିଣ ଓଡ଼ିଶାର ମୁଖ୍ୟ ଶୈବପୀଠ ମୁଖଲିଙ୍ଗମ୍, ଟେକେଲୀ ମଠ, ତରଳା ଗଡ଼ ମଠ, ମହାଦେଇପୁର ମଠ (ଏସବୁ ମଠ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି) ଆଦିର ପରିଚାଳନା ପାଇଁ ମଧ୍ୟ ସେ କ୍ଷମତାପତ୍ର ପ୍ରଦାନ କରିଥିଲେ ।

‘ମଠସ୍ଥ ଛାତ୍ର ନିଳୟ’ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଅଞ୍ଚଳର ସମସ୍ତ ଅନୁଷ୍ଠାନରେ ଥିବା ଗରିବ ମେଧାବୀ ଛାତ୍ରମାନଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରିଥିଲେ । ସ୍କୁଲ ଫି ମଧ୍ୟ ଅନୁଦାନ କରୁଥିଲେ । ୧୯୧୬ ଜୁନ୍ ୧୬ ତାରିଖ ଦିନ ମୁକ୍ତାପୁର ଠାରେ ପ୍ରଥମ ପଲ୍ଲୀ ସମ୍ମିଳନୀ କରି ଶୈକ୍ଷିକ ସଂଗଠନ ପ୍ରତି ଧ୍ୟାନ ଦେଲେ ଆପନ୍ନା ପରିଚ୍ଛା ଏବଂ ନିଜ ଅଞ୍ଚଳରୁ ଛାତ୍ରମାନଙ୍କୁ ଶିକ୍ଷାଲାଭ ନିମନ୍ତେ ସତ୍ୟବାଦୀ ବନ ବିଦ୍ୟାଳୟକୁ ପ୍ରେରଣ କରୁଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ପାଇଁ ପାଣ୍ଠି ମଧ୍ୟ ସେ ସଂଗ୍ରହ କରି ପ୍ରଦାନ କରିଛନ୍ତି । ସମଗ୍ର ଗଂଜାମ ଜିଲ୍ଲାରୁ ଅନେକ ଛାତ୍ର ପରିଚ୍ଛା ମଠରେ ରହି, ପାଠ ପଢ଼ି ମଣିଷ ହୋଇଥିଲେ । ଶିକ୍ଷାର ପ୍ରସାର ଓ ଓଡ଼ିଆମାନଙ୍କ ଜ୍ଞାନ ବିବର୍ଦ୍ଧନ ପାଇଁ ‘ଉତ୍କଳ ଭାଷା ବିବର୍ଦ୍ଧିନୀ ସଭା’ର ମଧ୍ୟ ସେ ନେତୃତ୍ୱ ନେଇଥିଲେ ।

ସେ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ପୌର ପରିଷଦର ଉନ୍ନତି କାମନା କରି ଦୀର୍ଘକାଳ ଯାଏଁ ସଦସ୍ୟ ଥିଲେ । ବୈଷ୍ଣବ ଧର୍ମୀ ହେଲେ ବି ଜୈନଧର୍ମ ପ୍ରତି ତାଙ୍କର ନିଷ୍ଠା ଓ ଆଗ୍ରହ ଥିଲା । ୧୯୦୭ ଡିସେମ୍ବର ୩୦ ତାରିଖରେ ପରେଶନାଥ ମନ୍ଦିରରେ ଅନୁଷ୍ଠିତ ଏକାଦଶ ଜୈନ ଶ୍ୱେତାମ୍ବର ସମ୍ମିଳନୀରେ ଯୋଗଦାନ କରିଥିଲେ । ଏହି ମହାତ୍ମା, ଅମୃତ ସନ୍ତାନ ୧୯୩୯ ଜୁଲାଇ ୨୪ ତାରିଖରେ ଇହଲୀଳା ସମ୍ବରଣ କଲେ ।

ନିଗମ ନଗର, ୫ମ ଲେନ୍ ସଂପ୍ରସାରଣ
ବ୍ରହ୍ମପୁର (ଗଂଜାମ) ପିନ୍-୭୬୦୦୧୦
୮୮୯୫୧୨୯୮୯୭ (ମୋ)

# କପୋତପକ୍ଷୀ ଗୁରୁମୋର

।। ଅଜୟ କୁମାର ବେହେରା ।।

ସାମାନ୍ୟ ଚଢ଼େଇଟିଏ ସମସ୍ତେ ଭାବନ୍ତି ମାତ୍ର ତା ଠାରୁ ତାର ଚରିତ୍ରରୁ ଜ୍ଞାନ ଶିକ୍ଷା କରିଥିଲେ ଦତ୍ତାତ୍ରେୟ ଯେ ଭାଗବତର ଅବଧୂତ କପୋତପକ୍ଷୀ ପରି ତାଙ୍କ ଆଉ ତେଇଶ ଗୁରୁ ଥିଲେ ମୋଟ ଚବିଶ ଗୁରୁରେ ଦତ୍ତାତ୍ରେୟ ତାଙ୍କର ଜୀବନର ଭିତ୍ତି ବାନ୍ଧିଥିଲେ। ମାତା ଅନୁସୂୟା, ଯାହା ଅସୂୟା ଭାବ ନାହିଁ ସେ ହିଁ ଅନସୂୟା ଆଉ ପିତା ଜଣେ ଋଷି, ଋଷି ବା ଗୁଣ ଯାହାର ଥାଏ ଅର୍ଥାତ୍ ଭୋଗ ପରମ୍ପରାରେ କେଉଁ ଭୁଲ ରହିଛି ତାକୁ ଚିହ୍ନଟ ସନାକ୍ତ କରି ତହିଁରେ ବିପ୍ଳବୀ ହେବା, ହେଲେ ତାଙ୍କ ନାମ ଅତ୍ରୀ। ତ୍ରି ତାଙ୍କର ନଥିଲା। ଅର୍ଥାତ୍ ତ୍ରିଗୁଣ ସତ୍ତ୍ୱ, ରଜ, ତମରେ ସେ ବିଶେଷ ସଂସ୍କାରିତ। ଏ ତିନିଗୁଣ କେମିତି କେଉଁ ପରିସ୍ଥିତିରେ ବ୍ୟକ୍ତି ନିୟନ୍ତ୍ରଣ ରଖିବ ଏପରି ସାଧନାରତ। ଏହାଙ୍କର ପୁତ୍ର ମଧ୍ୟରେ ଦତ୍ତାତ୍ରେୟ ଆସିଥିଲେ। ଅତ୍ରେୟ ବଂଶୋଦ୍ଭବ ନାମକରା ପୁରୁଷ, ଯେ ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଆଶୀର୍ବାଦ ସମ୍ଭୂତ ସମ୍ମିଳିତ ସୃଷ୍ଟି ସ୍ଥିତି ସଂହାର ଶକ୍ତିର ମିଶ୍ରଣ ଶକ୍ତିର ଯୌଥରୂପ।

ସେ ସ୍ୱୟଂ ଗୁରୁ ହୋଇନାହାଁନ୍ତି ସେ ଗୁରୁ କରିଛନ୍ତି ଚବିଶ ଜଣଙ୍କୁ। ଚବିଶ ଜଣଙ୍କ ମୌଳିକ ଗୁଣ ଶିକ୍ଷାରେ ସେ ଶିକ୍ଷିତ ଓ ଶିକ୍ଷକ। ଏବି ମୋର ଗୁରୁଙ୍କ ଗୁରୁ ଏମିତି କି ମୋର ମାନସ ଗୁରୁ, ତାଙ୍କର ଭଜନ ସାଇ ଭଜନରେ ମୁଁ ବେଳା ବେଳେ ପାଳିଧରି ହୃଦୟକୁ ନେଇଥିଲି ଓ ଶିରିଡ଼ି ସାଇଙ୍କ ମନ୍ଦିର ଶିରିଡ଼ିରେ ତାଙ୍କର ମୂର୍ତ୍ତିକୁ ପ୍ରଥମେ ଦେଖିକରି ଓ ସତ୍ୟସାଇବାବାଙ୍କ ପିତାମାତାଙ୍କ ସମାଧି ମନ୍ଦିର ପରିସରରେ ନୃସିହନାଥ ମନ୍ଦିର ବେଢ଼ାରେ ଦତ୍ତାତ୍ରେୟଙ୍କ ମନ୍ଦିରରେ ଦିଙ୍କ ପ୍ରତିମୂର୍ତ୍ତି ଅନେକଥର ଦର୍ଶନ କରିଛି। ପରେ ମାୟାପୁରୀ, ହରିଦ୍ୱାରରେ ଗୋରଖନାଥଙ୍କ ଦର୍ଶନ ପରେ ସେଠାରେ ଥିବା ଅଧକ୍ଷଙ୍କ ପାଖରୁ ମୁଁ ଗୁରୁଜ୍ଞାନ ପାଇଲି ଓ ସେଠାରେ ଦତ୍ତାତ୍ରେୟଙ୍କ ପ୍ରତ୍ୟକ୍ଷ ପୂଜାର ଅବସର ମିଳିଥିଲା। ଢ଼େଙ୍କାନାଳ କପିଳାସ ପାହାଡ଼ ପାଦ ଦେଶରେ ଅଛି ତାରଣ କ୍ଷେତ୍ର ଯାହା ମହାରାଷ୍ଟ୍ରର ପ୍ରଖ୍ୟାତ ଜ୍ୟୋର୍ତିଲିଙ୍ଗ ଭୀମାଶଙ୍କରଙ୍କ ପର୍ବତ ତଳ ଆଶ୍ରମ ଅଧକ୍ଷ ଶ୍ରୀଗଣେଶ୍ୱର ମହାରାଜଙ୍କ ଦ୍ୱାରା ପ୍ରେରଣାରେ ଆମ ଓଡ଼ିଶାର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ୰ଦ୍ୱାରିକାମୋହନ ମିଶ୍ରଙ୍କ ପ୍ରବଳ ଚେଷ୍ଟାରେ ଦତ୍ତାତ୍ରେୟ ସାଇଆଶ୍ରମ ହୋଇଛି। ଶିରିଡ଼ି ବାବାଙ୍କ ଏହା ଏକ ବିଶେଷ କ୍ଷେତ୍ର ହେଲେ ବି ଦତ୍ତାତ୍ରେୟଙ୍କ ପ୍ରତିମା ଜୀବନ୍ତ ପରି ଏଠାରେ ପ୍ରପୂଜିତ ମୁଁ ତାଙ୍କ କରୁଣାରେ ଏଠାକୁ ବହୁଥର ଦର୍ଶନକୁ ଯାଇଛି।

ଗୁରୁ ଗୋରଖପନ୍ଥୀମାନେ ଦତ୍ତାତ୍ରେୟଙ୍କୁ ଏକ ଗୁରୁ ରୂପେ ମାନ୍ୟତା ଦିଅନ୍ତି। ଖୋଦ ସାଇବାବାଙ୍କ କହିଛନ୍ତି ଯେ ସେ ଦତ୍ତାତ୍ରେୟଙ୍କ ଏକ ଅବତାର। ଶୈବ ବୈଷ୍ଣବ ବ୍ରହ୍ମ ତିନିର ସମାହାର ପଥରେ ସେ ଧର୍ମମତ। ଏଇ ଦତ୍ତାତ୍ରେୟଙ୍କ ଉପାସନାରେ ମୋର ମାନସ ବାରମ୍ବାର ପଥ ଭୁଲିଲେ ବି ମୋର ଆସିଯାଉଛି। ତାଙ୍କପରି ମୋର ଅନେକ ଗୁରୁ ଶୈବ ଶାକ୍ତ ବୈଷ୍ଣବ ସୌର ଗାଣପତ୍ୟ ସମ୍ପ୍ରଦାୟରେ ଗୁରୁ ଅଛନ୍ତି। ଶାକ୍ତରେ ଦୁର୍ଗା, କାଳୀ ଦଶମହାବିଦ୍ୟା ମନ୍ତ୍ର ତନ୍ତ୍ରଶାସ୍ତ୍ରରେ ମୋର ପ୍ରବଳ ଅଭିରଚି ଶ୍ରୀ ଶ୍ରୀ ଚଣ୍ଡୀ ଚଣ୍ଡୀ ପୁରାଣ ଦେବୀ ଭଗବତ ମୁଁ ଆଦରର ଗ୍ରନ୍ଥ ରୂପେ ସାଇତି ପଢ଼ିଛି। ଅନେକଙ୍କର ରୋଗ ବ୍ୟାଧି ଆଦିରେ ଚଣ୍ଡୀମନ୍ତ୍ର ପ୍ରୟୋଗ କରି ସିଦ୍ଧି ଫଳ ପାଇଛି। ମୋର ଜଣେ ୰ପ୍ରଣବାନନ୍ଦ ତ୍ରିପାଠୀ ଏମତି ଜଣେ ଶାକ୍ତ ଯେ ଅପୂର୍ବ ଜ୍ଞାନର ଭଣ୍ଡାର ସେ ମୋତେ ନିୟତି ପତ୍ରିକାର ଏକ କର୍ମଚାରୀ ଯୋଗୁ ଶ୍ରଦ୍ଧା କରି ତାଙ୍କର ଏକ ମନ୍ତ୍ରିତ ପୁସ୍ତକ ବିଶ୍ୱର ରଙ୍ଗମଞ୍ଚ ମୋତେ ପ୍ରଦାନ କରିବା ସହିତ ତାଙ୍କର ରଚିତ ଚଣ୍ଡୀର ସେପଲେସସି ଓ ଓଡ଼ିଆରେ ନବାକ୍ଷରୀ ଚଣ୍ଡୀର ସଂକ୍ଷିପ୍ତ ପୁସ୍ତକ ମୋତେ ଶ୍ରଦ୍ଧା ଭକ୍ତିରେ ପାଠ ପାଇଁ ପ୍ରଦାନ କରିଥିଲେ।

ମୁଁ ବୈଷ୍ଣବଧର୍ମରେ ଅନେକ ମଠ ସହିତ ଜଡ଼ିତ ବୃନ୍ଦାବନ ବିନା ପଇସାରେ ମୋର ଏକ ସଂକଳ୍ପ ଯାତ୍ରା କେମିତି ସଫଳ ଏକଥା ଲମ୍ବା କାହାଣୀ। ଶ୍ରୀକୃଷ୍ଣ ଲୀଳା ମୋ ଜୀବନରେ ଘଟିଛି। ରାଧାରାଣୀ ପଇସା ନଥିଲେ ବି କେମିତି ବୃନ୍ଦାବନରେ ପେଯ ଭରି ଅମୃତ ତୁଲ୍ୟ ଭୋଜନ ଦିଅନ୍ତି। ବାଟଖର୍ଚ୍ଚ ଦେଇ ନିଅନ୍ତି, ରଖନ୍ତି, ପୁଣି ବିଦାୟ ଦିଅନ୍ତି ଏହା ମୋର ଅଙ୍ଗେଲିଭାଇବା କଥା। ତିରୁପତିରେ ଏମିତି ଏକ ଆଚମ୍ବିତ ଦର୍ଶନକୁ ହାତରେ ପଇସା ନଥାଇ ଯାଇଛି। ବହୁ ବହୁ ଭିଡ ଭିତରେ ପଇସା ଦେଇ ସାଙ୍ଗମାନଙ୍କ ସହିତ ଯାଇନପାରିବି ଠାକୁରଙ୍କ ବିଜୟ ପ୍ରତିମା ମୋରି ପ୍ରତୀକ୍ଷା କଡ଼ରେ ପଟୁଆରରେ ବାହାରି ମୋରି ପାଖରେ ଠିଆ ହୋଇ କିଛି ସମୟ ବିମାନରେ ରହିଲେ ମୁଁ ତାଙ୍କୁ ଦର୍ଶନ କରି ଆତ୍ମତୃପ୍ତି ଆତ୍ମବିସ୍ମୃତି ହୋଇଛି। ଏତେଭିଡ଼ରେ ବି ରହିବା ସ୍ଥାନ ଭଗବାନ ଦୁଇ ଦିନ ରହିବା ପାଇଁ ବାସଘର ଦେଇଛନ୍ତି। ଦୁଇଦିନ ମାଗଣା ମନ୍ଦିରର ତରଫରୁ ଦିଆଯିବା ଅମୃତତୁଲ୍ୟ ଦଧିଅନ୍ନ ପେଟପୁରା ଖାଇଛି। ସର୍ବହରାଟିଏ ରେଲରେ କେତେ ଅନୁଭବ କଲେ କେହି ଅଯାଚିତ ଭାବରେ ଅନ୍ନ ଚାପ ଦେଇ ଖୋଇଛନ୍ତି। ଅନ୍ନ ପୁଣି ଏମିତି ସେମିତି ନୁହଁ ସମ୍ପୂର୍ଣ୍ଣ ବୈଷ୍ଣବନ୍ନ। କଟକ ପୁରୀର ବହୁ ଆଶ୍ରମରେ କିଛି ଦିନ ସତସଙ୍ଗ ଭଜନ କରିଛି। ଏବେ ବି ବାୟାଙ୍କ ଆଶ୍ରମ, ରାଧାରମଣ ଦେବଙ୍କ ଆଶ୍ରମ ଯାହା ବିଖ୍ୟାତ, ଖାନନଗରର ଆଶ୍ରମ ଆଦିରୁ ପ୍ରସାଦ ମହାରାଜମାନେ ଭଲ ପର୍ବ ଦିନ ଦେଖି ପଠାନ୍ତି। ଶ୍ରୀବୈକୁଣ୍ଠନାଥ ବ୍ରହ୍ମଚାରୀ ମୋର ଜଣେ ପରମ ଗୁରୁ ସେ ତାଙ୍କ ଆଶ୍ରମକୁ କିଛି ମାୟାରେ କେବେ କେବେ ପଥ ଦେଖାଇ ଭିଡି ନିଅନ୍ତି ସେଠାରେ ଗୋପାଳ ଦଧିଅନ୍ନ ଭିନ୍ନ ପ୍ରସାଦମାନ ପାଇଛି। କଟକ ଯୋବ୍ରାରେ ଥିବା ନିଗମାନନ୍ଦ ଆଶ୍ରମରେ କବେବେ ଗୁରୁ ଦର୍ଶନକୁ ଗଲେ ଆଶ୍ରମର ପୂଜକ ପୁରୋହିତମାନେ ଅନ୍ନାଦି ନଖୋଇ ଛାଡ଼ନ୍ତି ନାହିଁ। ଅନେକ ନାମ କୀର୍ତ୍ତନ, ରାମାୟଣ ପରାୟଣ, ହନୁମାନ ଚାଳିଶାରେ ଶ୍ରୋତା ପାଇଁ ନିମନ୍ତ୍ରଣ ପାଇ ଗଲେ ଅନ୍ନନଖାଇ ଫେରେନାହିଁ। ମୁଁ ସାଇବାବାଙ୍କର ଦ୍ୱାରା ଆମିଷ ଭକ୍ଷଣ ଏକ ପରିସ୍ଥିତିରେ ପଡ଼ି ଛାଡ଼ିଛି। ସାଇବାବାଙ୍କର ଭଜନ ସହସ୍ରନାମ ପୂଜାରେ ବେଳେ ଭାଗ ନେଇ ସର୍ବଦା ଦିବ୍ୟାନ୍ନରେ ସମୟ କାଟିଛି। ପର୍ଭୀ ଭୋଜନ ଅନ୍ୟତ୍ର ଦୁର୍ଲଭ। ପ୍ରଭୁ ନିଳାଦ୍ରୀଶଙ୍କର ମହାପ୍ରସାଦ ପୂର୍ବରୁ ଦର୍ଶନ ଗଲେ ପାଉଥିଲି ଏବେ ଯାଇପାରୁନାହିଁ ହେଲେ ମନନ ମାତ୍ରେ ଦୁଇ ତିନିରେ କେହିନା କେହି ପ୍ରସାଦ ପହଞ୍ଚାଇ ଦେଉଛନ୍ତି। ପ୍ରଭୁ ବଳରାମଙ୍କ ପ୍ରସାଦ ପ୍ରତି ମାସରେ ଅନେକଥର ମୋ ଏହି କୁଟୀରରେ ଆଶ୍ଚର୍ଯ୍ୟ ଭାବରେ ପହଞ୍ଚିଛି। ମୁଁ ତାଙ୍କର ସେ ମୋର ଏକ ଭାବନରେ ଛେଦ ନାହିଁ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପରମହଂସ ପ୍ରଜ୍ଞାନାନନ୍ଦ

।। ହେମନ୍ତ କୁମାର ପରିଡ଼ା ।।

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ ‘ମା’ ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା’ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧ୍ୟାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଜୁନାଗଡ଼ରେ ସରକାରୀ ନିୟମକୁ ମାନୁନାହାନ୍ତି ରାଜସ୍ୱ ବିଭାଗ

ଜୁନାଗଡ଼, (ମହାଭାରତ) : ସରକାରୀ ଜମିକୁ ରାଜସ୍ୱ ବିଭାଗକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ତହସିଲ ମାନଙ୍କୁ ନିର୍ଦ୍ଦେଶ ଦେଉଥିଲା ସୁଦ୍ଧା ଜୁନାଗଡ଼ ତହସିଲରେ ଏହାର ଓଲଟା ଦେଖିବାକୁ ମିଳିଛି । ଜୁନାଗଡ଼ ରାଜସ୍ୱ ବିଭାଗ ଜମି ମାଫିଆ ମାନଙ୍କ ଠାରୁ ହାତଗୁଞ୍ଜା ନେଲା ପରେ ସରକାରୀ ନିର୍ଦ୍ଦେଶକୁ ପାଦରେ ଆଡେଇ ଦେଉଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ସରକାରୀ ଖାତାକୁ ଜୁନାଗଡ଼ ର ୩୯ ଏକର ସରକାରୀ ଜମି କେବେ ଫେରିବ ସେ ନେଇ ସନ୍ଦିହାନ ହୋଇଛି । ପ୍ରାପ୍ତ ସୂଚନା ରୁ ପ୍ରକାଶ ଯେ, ଜୁନାଗଡ଼ ରେ ଥିବା ୩୯ ଏକର ସରକାରୀ ଜାଗାକୁ ୪୭୭ ଜଣ ଜବର ଦଖଲ କରି ରଖିଛନ୍ତି । ଜମି ମାଫିଆ ଓ ଦଲାଲ ମାନେ ସକ୍ରିୟ ହୋଇ ଯେତେ ବି ସରକାରୀକୁ ଜମିକୁ ନିଜ ଅକ୍ତିଆରକୁ ନେଇଯାଇଛନ୍ତି । ଜୁନାଗଡ଼ ରାଜସ୍ୱ ବିଭାଗକୁ ହାତଗୁଞ୍ଜା ଦେଇ କିଏ ଘର, ତ ଆଉ କିଏ ଦୋକାନ ତ ଆଉ କିଏ ଜମିକୁ ବିକ୍ରି କରିବା ପାଇଁ ସରକାରି ଜାଗା ରେ ରାସ୍ତା ନିର୍ମାଣ କରିବା ପାଇଁ ମସୁଧା ଚଳାଇଛନ୍ତି । କଲମପୁର ଛକ ନିକଟରେ ଅନେକ କେନାଲ ଜମିକୁ ଜମି ମାଫିଆମାନେ ଅକ୍ତିଆର କରିସାରିଲେଣି । ସେହିଭଳି ସେହି ପାଖରେ ଥିବା ଦର୍ଶନ ଟ୍ରେଡିଂକୋ ସରକାରୀ ଜାଗାକୁ ଅକ୍ତିଆର କରି ଦୋକାନ ନିର୍ମାଣ କରିଛନ୍ତି । ସେହିଭଳି ଲଡୁଗାଁ ର ଜଣେ ଜମି ମାଫିଆ ଜୁନାଗଡ଼ର କିଛି ଅସାଧୁ ବ୍ୟକ୍ତିଙ୍କୁ ଢାଲ କରି ସହରର ବଡ଼ପଡା ଜାତୀୟ ରାଜପଥ ୨୬ କୁ ଲାଗିକି ରହିଥିବା ଥିବା ସରକାରୀ ଜମିକୁ ଅକ୍ତିଆର କରିବା ପାଇଁ ମସୁଧା କରିଛନ୍ତି । ବେଆଇନ ସରକାରୀ ଜମିକୁ ଚକ୍ରାନ୍ତ କରି ଜମି ମାଫିଆ ହାତେଇବା ଉଦ୍ୟମକୁ ରଦ୍ଦ କରିବା ପାଇଁ ଜଣେ ପୂର୍ବତନ ନଗରପାଳ ତଥା ବରିଷ୍ଠ ଆଇନଜୀବୀ ଏନଏସି ପ୍ରଶାସନକୁ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଛକ ନିକଟରେ ୧୯୫୨ ମସିହାରେ ନିର୍ମାଣ ହୋଇଥିବା ପୁରୁଣା ସରକାରୀ କାର୍ଯ୍ୟାଳୟ ଯଥା ଟିସିପିସି ଓ ଏହାର ପ୍ରୟୋଗଶାଳା ତଥା ଏବର ପୁରୁଣା ପିଆଇ କଲେଜ, ବ୍ଲକ କଲୋନୀ ଆଦି ସ୍ଥାନ ଜୈନିକ ଅନୁସୂଚୀତ ଜାତି ବ୍ୟକ୍ତିଙ୍କ ରେକର୍ଡଭୁକ୍ତ ଥିବାରୁ ଏହା ଉପରେ ମଧ୍ୟ ଜମି ମାଫିଆ ଓ ଦଲାଲଙ୍କ ନଜର ପଡିଛି। ଜୈନିକ ବ୍ୟକ୍ତିଙ୍କ ନାଁରେ ପରମିଶନ କରି ଏହାକୁ ପ୍ଲଟିଙ୍ଗ କରି କୋଟିକୋଟି ହାତେଇବାର ଉଦ୍ୟମ ଚାଲିଥିବା ଶୁଣାଯାଉଛି। ଅନେକ ଜମି ମାଫିଆ ବେସରକାରୀ ଜମି ପାଖରେ ସରକାରୀ ଜମିକୁ ନିଜ ଆୟତ୍ତ ରେ ରଖିବା ପାଇଁ ସେହି ସରକାରୀ ଜାଗାକୁ କିଣି ସରକାରୀ ସହିତ ବେସରକାରୀ ଜମିକୁ ପ୍ଲଟିଂ କରି ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି । ଗରିବ ଲୋକଙ୍କୁ ବାସଗୃହ ପାଇଁ ଏକ ଡ଼ିସିମିଲ ଜାଗା ମିଳୁନଥିବା ବେଳେ ମାଫିଆ ମାନେ ଏକର ଏକର ସରକାରୀ ଜମିକୁ ନିଜ ଅକ୍ତିଆରରେ ରଖିବା ନେଇ ସରକାରୀ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ତ୍ତମାନ ଅସଲି ଜୁନାଗଡ଼ିଆ ଦୁର୍ବିସହ ଭାବେ ସହରର ବନ୍ଧ ହୁଡାରେ ବାସ କରୁଥିବା ବେଳେ ମାଫିଆ ମାନେ ୩୯ ଏକର ଜମିକୁ ନିଜ ଆୟତ୍ତରେ ରଖିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଜୁନାଗଡ଼ ରେ ମାଫିଆ ରାଜ କେବେ ସରିବ ଓ ୩୯ ଏକର ସରକାରୀ ଜମି କେବେ ରାଜସ୍ୱ ବିଭାଗକୁ ଯିବ ସେ ନେଇ ସନ୍ଦିହାନ ଅଞ୍ଚଳବାସୀ । ଏନେଇ ନୂତନ ତହସିଲଦାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ସମ୍ଭବ ହୋଇପାରି ନାହିଁ।

## ପାରାଦୀପ ବନ୍ଦରର ପ୍ରଥମ ଶ୍ରମିକ ନେତା ଦୋଳଗୋବିନ୍ଦ ଦାଶଙ୍କ ପରଲୋକ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରର ସର୍ବପୁରାତନ ତଥା ପ୍ରଥମ ବର୍ଷିଆନ ଶ୍ରମିକ ନେତା ଦୋଳଗୋବିନ୍ଦ ଦାଶ ଙ୍କ ୮୨ ବର୍ଷ ବୟସରେ ଶନିବାର ପ୍ରତ୍ୟୁଷରେ ତାଙ୍କ ପାରାଦୀପ ନୂଆବଜାର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଦୀର୍ଘଦିନ ହେବ ଅସୁସ୍ଥତା ଥିବା ସ୍ୱର୍ଗତ ଦୋଳଗୋବିନ୍ଦ ଦାଶ ଙ୍କ ବିୟୋଗରେ ପାରାଦୀପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାଥାଉକି ଶ୍ରୀ ଦାଶ ନୀଳାଚଳ ସିପିଙ୍ଗ ସର୍ଭିସ ନାମକ ଏକ ସଂସ୍ଥା ମାଧ୍ୟମରେ ପାରାଦୀପ ବନ୍ଦରର ପ୍ରଥମ ଜାହାଜରେ ଷ୍ଟିଭେଡୋରିଙ୍ଗ କାର୍ଯ୍ୟ କରିଥିଲେ । ତେବେ ବନ୍ଦରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କର ସମସ୍ୟା ଅତି ନିକଟରୁ ଦେଖିଥିବା ଦୋଳଗୋବିନ୍ଦ ବ୍ୟବସାୟ ଛାଡି ଟଙ୍କା ପଛରେ ନଗୋଡ଼ାଇ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ବ୍ରତରେ ବ୍ରତୀ ହୋଇଥିଲେ । ଏବଂ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ଶ୍ରମିକଙ୍କ ପାଇଁ ସଂଗ୍ରାମ ଜାରି ରଖିଥିଲେ । ତେବେ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡ଼ ପୁଅ ଭବେନ୍ଦ୍ର ଦାଶ,କୀର୍ତ୍ତି ଚନ୍ଦ୍ର ଦାଶ, ଦୁଇ ବୋହୂ ଓ ବିଧବା ପତ୍ନୀ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗଭୀର ଶୋକବ୍ୟକ୍ତ କରି ପରିବାର ଙ୍କୁ ସମବେଦନା ଜଣାଇଛନ୍ତି । ସେହିପରି ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବରିଷ୍ଠ ଶ୍ରମିକ ନେତା ସୁଧାକର ମନ୍ତ୍ରୀ, ପ୍ରକାଶ ତ୍ରିପାଠୀ,ଅଭିମନ୍ୟୁ ବେହେରା, ଶ୍ରୀକାନ୍ତ ରାୟ,ରାକେଶ ପଟ୍ଟନାୟକ, ନୃସିଂହ ଶତପଥୀ,ବିଭୁତି ମହାରଣା,ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ,ପ୍ରତାପ ନାୟକ, ବ୍ୟବସାୟୀ କ୍ଷୀରୋଦ ସ୍ୱାଇଁ,ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା,ନାରାୟଣ ବେହେରା, ରାମଚନ୍ଦ୍ର ସ୍ୱାଇଁ,ବିବେକାନନ୍ଦ ରାଉତ ପ୍ରମୁଖ ଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଂଗଠନର ବ୍ୟକ୍ତିମାନେ ଦୋଳଗୋବିନ୍ଦ ଦାଶ ଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

କେନ୍ଦୁଝର, (ମହାଭାରତ) : ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ କେନ୍ଦୁଝର ସାଂସଦ ପ୍ରତିନିଧି ଭାଗିରଥି ସିଂ ଯୋଗଦେଇ ମା' ମାଟିର ସୁରକ୍ଷା, ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା ସଂପର୍କରେ ଆଲୋଚନା କରିବା ସହ ସମସ୍ତେ ମାଟିକୁ ବଂଚାଇବା ସହ ତା'ର ରକ୍ଷା କଲେ ଆଗାମୀ ପୀଢି ସୁସ୍ଥ ରହିପାରିବେ ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ସ୍ୱାଗତ ଭାଷଣ ଦେବା ସହ ମାଟିର ସମସ୍ତ ଚାଷୀ ଭାଇଙ୍କ ସହଯୋଗରେ ମୃତ୍ତିକା ଅମ୍ଳତା ଓ କ୍ଷୀରତା ସୁଧାରିବା ଓ ସୁସ୍ଥ ମାଟି ଏବଂ ଚାଷ ପାଇଁ ମୃତ୍ତିକା ପରୀକ୍ଷା ଜରୁରୀ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଅଶୋକ କୁମାର ସେନାପତି,ଏଡିଆର୍ ଆର୍ଆର୍‌ଟିଏସ୍ କିଶୋର ସାହୁ,କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ସୁଶାନ୍ତ କୁମାର ସାହୁ ମୃତ୍ତିକା କ୍ଷୟକୁ ରୋକିବା ସଂଗେ ସଂଗେ ଜମିର ଜଳଧାରଣ କ୍ଷମତା ବଢାଇବା ପାଇଁ ଜମିର ସୁରକ୍ଷା ଓ ମୃତ୍ତିକାର ପରିଚାଳନା ଜରୁରୀ ବୋଲି କହିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ସିପ୍ରା ଦାସ ମୃତ୍ତିକାର ପରିଚାଳନା,ଯତ୍ନ କଲେ ଚାଷ କାର୍ଯ୍ୟକୁ ସବୁ ଦିନ ପାଇଁ ଉଜ୍ଜୀବିତ ରଖିପାରିବା ଏବଂ ମୃତ୍ତିକା ଯେତେ ଉର୍ବର ରହିବ ସେତେ ଚାଷର ଆମଦାନୀ ହୋଇପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷି ଜିଲ୍ଲା ଅଧିକାରୀ ଚମ୍ପୁଆ ସତ୍ୟବାନ ସୋରେନ,ଆନନ୍ଦପୁର ନୀଳମାଧବ ଦାସ,ଘଟଗାଁ କବିତା ବେହେରା,ସଦର ବିଶ୍ୱଜୟୀ ମିଶ୍ର ଉପସ୍ଥିତ ରହି ମାଟିର ଗୁଣ ଓ ମାନର ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ତଥା ମୃତ୍ତିକା ରସାୟନବିତ୍ ଜତିନ୍ଦ୍ର ନାଥ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରର ଜିଲ୍ଲା ସଂଯୋଜକ ଶତ୍ରୁଘ୍ନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ମଳୟ କୁମାର ଖଣ୍ଡା ପରିଚାଳନା କରିଥିବାବେଳେ କୃଷି ବିଭାଗର ସମସ୍ତ କର୍ମଚାରୀ,ନିରଞ୍ଜନ ପାତ୍ର,ତାପସ ରାଉତ,ବ୍ରଜ ଚନ୍ଦ୍ର ମହାନ୍ତ,କୃଷି ଅଧିଦର୍ଶକ ସଞ୍ଜୁ କୁମାରୀ ଦାସ ସହଯୋଗ କରିଥିଲେ ।

# ତୃଣମୂଳସ୍ତରର ବିକାଶ ସୁନିଶ୍ଚିତ କରିବା ପାଇଁ କେନ୍ଦୁଝରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ତାଲିମ ଅନୁଷ୍ଠିତ




କେନ୍ଦୁଝର, (ମହାଭାରତ) : ନିତି ଆୟୋଗ ଦ୍ୱାରା ପ୍ରସ୍ତାବିତ ତୃଣମୂଳସ୍ତରର ସଂଯୁକ୍ତ ବିକାଶ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଗଧାଡ଼ିର କର୍ମୀ ଏବଂ ଅଂଶୀଦାରମାନଙ୍କ ବୁଝାମଣା ଏବଂ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଆଜି କେନ୍ଦୁଝରରେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଝଉଏଗ୍ସ) ଉପରେ ଏକ ବ୍ୟାପକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଯୋଗ ଦେଇ ବିଭିନ୍ନ ବିଭାଗର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନ ସ୍ଥାନୀୟ ଯୋଜନା, ତଦାରଖ ଏବଂ ସାର୍ବଜନୀନ ସେବା ପ୍ରଦାନରେ ସ୍ଥାୟୀ ବିକାଶ ଲକ୍ଷ୍ୟ ନୀତିଗୁଡ଼ିକୁ ସମନ୍ୱିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଅଂଶଗ୍ରହଣକାରୀମାନଙ୍କୁ ଜିଲ୍ଲାସ୍ତରୀୟ ପ୍ରଗତି ସୂଚକାଙ୍କ ଲକ୍ଷ୍ୟ ହାସଲ ପାଇଁ ରଣନୀତି ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାର, ଜୀବିକା, ପରିବେଶ ଏବଂ ସାମାଜିକ କଲ୍ୟାଣ ଭଳି ବିଭାଗଗୁଡ଼ିକରେ ସମନ୍ୱୟର ଗୁରୁତ୍ୱ ବିଷୟରେ ସୂଚନା ଦିଆଯାଇଥିଲା।

ବିଶେଷଜ୍ଞମାନେ କେନ୍ଦୁଝରର ବିକାଶ ପଥକୁ ତ୍ୱରାନ୍ୱିତ କରିବା ପାଇଁ ତଥ୍ୟ-ଚାଳିତ ଯୋଜନା, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଧାର୍ଯ୍ୟ ମାନଦଣ୍ଡ ସହିତ ଜାରି ରହିଥିବା ଯୋଜନାଗୁଡ଼ିକୁ ଅଧିକାରୀମାନଙ୍କୁ ବୁଝାଇବାରେ ସାହାଯ୍ୟ କରିବା ପାଇଁ ଗୋଷ୍ଠୀ ଆଲୋଚନା ଏବଂ ବ୍ୟବହାରିକ ଅଭ୍ୟାସ କରାଯାଇଥିଲା।

ତାଲିମରେ ଦାରିଦ୍ର୍ୟ ହ୍ରାସ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଏବଂ ପରିମଳ, ଜଳବାୟୁ କାର୍ଯ୍ୟ ଏବଂ ଦୃଢ଼ ପ୍ରତିଷ୍ଠାନ ସମେତ ପ୍ରମୁଖ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ବିଭାଗୀୟ ଭୂମିକା ଏବଂ ସମନ୍ୱିତ କାର୍ଯ୍ୟ ପାଇଁ ମାର୍ଗ ବିଷୟରେ ସେମାନଙ୍କର ସ୍ୱଷ୍ଟତାକୁ ଉନ୍ନତ କରିଛି ବୋଲି ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ କେନ୍ଦୁଝରର ଉପାଧ୍ୟକ୍ଷ ଶ୍ରୀ ସୋମନାଥ ଦାସ, ଜିଲ୍ଲା ଯୋଜନା ଓ ସଂଯୋଜନା ଉପନିର୍ଦ୍ଦେଶକ, ଗଜେନ୍ଦ୍ର କୁମାର ବେହେର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସାର୍ଥକ ରାୟ,ଜିଲ୍ଲାର ବି.ଡି.ଓ ଏବଂ ତହସିଲଦାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ବିଷୟ ବିଷାରଦ ଭାବେ କେନ୍ଦୁଝର ଜିଲ୍ଲା ପରିଷଦର ପ୍ରକଳ୍ପ ପରିଚାଳକ (ଦକ୍ଷତା ବିକାଶ ) ଶ୍ରୀମତୀ ପଦ୍ମାବତୀ ମାହାକୁଡ , ଓ ଯୁବ ସାମାଜିକ ବିକାଶ କେନ୍ଦ୍ର ଶ୍ରୀ ଆକାଶ କୁମାର ମହାନ୍ତ ଯୋଗ ଦେଇ ନିରନ୍ତର ବିକାଶ ଲକ୍ଷ୍ୟ ବିକଶିତ ଭାରତ ଗଠନ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଜୟରାମ ଟୁଡୁ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ପୃଥିବୀରାଜ ସୋରେନ, ମାଧୁରୀ ପ୍ରିୟା ହୋନହାଗା, ପ୍ରଶାନ୍ତ ପ୍ରଧାନ, ବରିଷ୍ଠ ସହାୟକ ଦୋଳମଣି ହଂସ, କନିଷ୍ଠ ସହାୟକ ବିଷ୍ଣୁପ୍ରିୟ। ଓଝା ଓ ଅନୁସନ୍ଧାନକାରୀ ବିନ୍ଧିଆ ମୁଣ୍ଡା ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ ।

## ବିଲରୁ ହାତୀ ଛୁଆର ମୃତଦେହ ଠାବ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ କସଡା ଗାଁ ନିକସ୍ଥ ଚାଷ ବିଲରେ ଏକ ମାଈ ହାତୀ ଛୁଆ ମରି ପଡିଥିବା ସୂଚନା ମିଳିଛି। ଖବରପାଇ ଘଟଣାସ୍ଥଳକୁ ବନବିଭାଗ ଟିମ ଯାଇ ହାତୀ ଛୁଆଟିର ମୃତ୍ୟୁ କାରଣ ଖୋଜୁଛି। ମୃତ ହାତୀ ଛୁଆର ବୟସ ୮ ରୁ ୧୦ ବର୍ଷ ହେବ ବୋଲି ଜଣାପଡିଛି । ମାଈ ହାତୀ ଛୁଆଟିର କେଉଁ କାରଣରୁ ମୃତ୍ୟୁ ହୋଇଛି ତାହା ଜଣା ପଡିନଥିଲେ ମଧ୍ୟ ବ୍ୟବଚ୍ଛେଦ ପରେ କାରଣ ଜଣାପଡିବ ବୋଲି ବନବିଭାଗ କହିଛି। ସୂଚନା ଅନୁସାରେ ଶୁକ୍ରବାର ଅପରାହ୍ନରେ ଭୂୟାଁ ଯୁଆଙ୍ଗ ପିଢ଼ ବିନାଞ୍ଚଳ ଅନ୍ତର୍ଗତ କସଡା ଗାଁ ଚାଷ ବିଲରେ ଏକ ମାଈ ହାତୀ ଛୁଆ ମରି ପଡିଥିବା ସୂଚନା ମିଳିଥିଲା. ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ଏସିଏଫ୍ ଡ଼ ସୁଦୀପ୍ତ ପଣ୍ଡା,ରେଞ୍ଜର ନୟନକାନ୍ତ ସାହୁ,ଶୁଆକାଟୀ ବିଟ୍ ଫରେଷ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ,ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ହାତୀ ସ୍କୁଆଡ଼ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ । ସେଠାରେ ମୃତ ହାତୀ ଛୁଆକୁ ଠାବ କରାଯାଇଛି। ଆସନ୍ତାକାଲି ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି । ସେ ଅଞ୍ଚଳରେ ବୁଲାବୁଲି କରୁଥିବା ୪୦ଟି ହାତୀ ମଧ୍ୟରୁ ଗୋଟିଏ ଦଳରେ ଥିବା ହାତୀ ମଧ୍ୟରୁ ଉକ୍ତ ଗୋଟିଏ ୮ ରୁ ୧୦ ବର୍ଷ ଛୋଟ ମାଈ ହାତୀର ମୃତ୍ୟୁ ହୋଇଛି ବୋଲି ବନ ବିଭାଗ ଅନୁମାନ କରୁଛି। ହାତୀ ଦଳ ନିକଟସ୍ଥ ଲୁଣଘର ଜଙ୍ଗଲ ଅଞ୍ଚଳରେ ରହି ଥିବା ସୂଚନା ମିଳିଛି ।

## ଡ଼ଃ. ବି.ଆର.ଆମ୍ବେଦକରଙ୍କ ୬୯ତମ ମହାପରୀନିର୍ବାଣ ଦିବସ ପାଳିତ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଭାରତ ରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ଭାରତୀୟ ସମ୍ବିଧାନର ସ୍ଥପତିଙ୍କ ଗଭୀର ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ବନ୍ଦରର ଅଧିକାରୀ ଏବଂ କର୍ମଚାରୀମାନେ ଏକତ୍ରିତ ହୋଇଥିଲେ। ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ପି.ଏଲ.ହରନାଦ ଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା। ନିଜ ବକ୍ତବ୍ୟରେ ସେ ଡକ୍ଟର ଆମ୍ବେଦକରଙ୍କ ଦୃଷ୍ଟିକୋଣ ସମାନତା, ନ୍ୟାୟ ଏବଂ ମାନବିକ ମର୍ଯ୍ୟାଦା ଉପରେ ଆଧାରିତ ସମାଜ ପାଇଁ ମୂଳଦୁଆ ସ୍ଥାପନ କରିଥିଲା। ଏବଂ ସଂଗଠନଗୁଡ଼ିକ ଅନ୍ତର୍ଭୁକ୍ତ ବିକାଶ ଦିଗରେ କାର୍ଯ୍ୟ କରୁଥିବାରୁ ଆମ୍ବେଦକରଙ୍କ ସାମାଜିକ ସଶକ୍ତିକରଣ ବାର୍ତ୍ତା ପ୍ରାସଙ୍ଗିକ ରହିଥିବା ଉପରେ ଶ୍ରୀ ହରନାଦ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ, ଉପ-ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ସାହୁ,ସଚିବ କୃଷ୍ଣ ବାପି ରାଜୁ ଜି, ମୂଖ୍ୟ ଯନ୍ତ୍ରୀ ସୁସିଲ ଚନ୍ଦ୍ର ନାହାକ ପ୍ରମୁଖ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସେମାନେ ଡକ୍ଟର ଆମ୍ବେଦକରଙ୍କ ଅବହେଳିତ ସମ୍ପ୍ରଦାୟର ଉନ୍ନତି ଏବଂ ଭାରତର ସାଂଗଠନିକ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ଅକ୍ଲାନ୍ତ ପ୍ରୟାସ ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ଏସସି ଏବଂ ଏସଟି କର୍ମଚାରୀ କଲ୍ୟାଣ ସଂଘର ଡକ୍ଟର ଦୁର୍ଗା ପ୍ରସାଦ ସେଠୀ, ପରେଶ ମୁର୍ମୁ, ଗଙ୍ଗାଧର ସେଠୀ, ସାଧାରଣ ସମ୍ପାଦକ ଧୁନ ଚନ୍ଦ୍ର ତରାଇ ଉପସ୍ଥିତ ଥିଲେ। ସେମାନେ ବିବିଧତା ଏବଂ ସମାନ ସୁଯୋଗକୁ ସମ୍ମାନ ଦେଉଥିବା ଏକ କର୍ମକ୍ଷେତ୍ର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ଜାନୁଆରୀ ୧୮ରୁ ଦେବଗଡ ପ୍ରଧାନପାଟ ଉତ୍ସବ

ଦେବଗଡ,. (ମହାଭାରତ): ଦେବଗଡ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧକ୍ଷତାରେ ପ୍ରଧାନପାଟ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚା ଠାରେ ଜାନୁଆରୀ ୧୮ ରୁ ୨୨ ପାଞ୍ଚ ଦିନ ଧରି ପ୍ରଧାନ ପାଟ ଉତ୍ସବ ହେବା ପାଇଁ ସ୍ଥିର କରାଯାଇଛି । ଉତ୍ସବରେ ପଲ୍ଲୀଶ୍ରୀ ମେଳା,ପୁସ୍ତକ ମେଳା, ମିନାବଜର ,କୃଷି ଉଦ୍ୟାନ ମେଳା, ଖାଦ୍ୟମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ୍ କୁମାର ଭୋଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ,ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ ,ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ଦିଲୀପ କୁମାର ଗୁରୁ,ପ୍ରଫୁଲ କୁମାର ମହାପାତ୍ର ,ମନୋଜ ପାଢ଼ୀ,ସୁଧୀର କପରଦାର, ନିରଞ୍ଜନ ଦ୍ୱିବେଦୀ , ହେମନ୍ତ ମହାପାତ୍ର,ନବୀନ କୁମାର ପାଣି, ପ୍ରଫୁଲ୍ଲ କୁମାର ନାୟକ, ସୁଜିତ୍ କୁମାର ପାତ୍ର,ଅବନୀ କାନ୍ତ ମିଶ୍ର ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ପୋର୍ଟ କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେବାପା ଓ ଜେଜେମା ଦିବସ ପାଳିତ



ପାରାଦୀପ, (ମହାଭାରତ): ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜେଜେବାପା ଜେଜେମା ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ସକାଳ ୮ ଘଟିକା ରୁ ୧୧ ଘଟିକା ପର୍ଯ୍ୟନ୍ତ ଚାଲିଥିବା ଏହି ଉତ୍ସବରେ ୩୦୦ ରୁ ଅଧିକ ଜେଜେବାପା, ଜେଜେମା, ଅଜା, ଆଈ ଆଦି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜର ବରିଷ୍ଠ ଇଂରାଜୀ ଅଧାପକ ଗଣେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜେଜେବାପା ଓ ଜେଜେମା ମାନଙ୍କୁ ଉଚିତ୍ ସମ୍ମାନ ଦେବା ତଥା ସେମାନଙ୍କର ଅବଦାନକୁ ସାରା ଜୀବନ ମନେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ପଙ୍କଜ ବାର୍ଷ୍ଣେୟ ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏହି ବରିଷ୍ଠ ଅଭିଭାବକ ମାନଙ୍କର ଗୁରୁତ୍ୱ ବର୍ଣ୍ଣନା କରିବା ସହ ପିଲାମାନଙ୍କ ପ୍ରତି ସେମାନଙ୍କର ଭଲପାଇବା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜେଜେବାପା ଜେଜେମା ମାନଙ୍କ ପାଇଁ ଦୁଇଟି କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରଜିତ ନାୟକ, ରାଜେନ୍ଦ୍ର ମିଶ୍ର, ଶିବାନନ୍ଦ ନାହକ, ସାକ୍ଷୀ ଶର୍ମା ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ଅଜୟ କୁମାର ପଣ୍ଡା, ଇତିଶ୍ରୀ ଦାସ, ବିକ୍ରମ ପ୍ରଧାନ, ସ୍ୱାଗତିକା ସାହୁ ତଥା ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

## ଜାଣିପାରୁନି ପ୍ରଶାସନ: ବେଧଡକ ଚାଲିଛି ନାବାଳିକା ବିବାହ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ରେ ବେ ଧଡକ ଭାବେ ଚାଲିଛି ନାବାଳିକା ବିବାହ କିନ୍ତୁ ପରିତାପର ବିଷୟ ଏ ବାବଦରେ କିପରି ଜାଣିପାରୁନି ମହିଳା ଶିଶୁ କଲ୍ୟାଣ ବିଭାଗ, କିଛି ଦିନ ତଳେ ଅସ୍ତରଙ୍ଗ ଅଞ୍ଚଳ ର ଜଣେ ଅଙ୍ଗନବାଡି କର୍ମୀ ଙ୍କ ନାବାଳିକା ଝିଅକୁ ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଓଲିହା ଗ୍ରମ ବାବା ଐଶାନେସ୍ୱର ମନ୍ଦିର ରେ ବାହାଘର କରିବାକୁ ସମସ୍ତ ପ୍ରସ୍ତୁତି ଚାଲିଥିଲା। ଭୋଜିଭାତ ମଧ୍ୟ ହେଉଥିଲା। ବୁଦ୍ଧିଜୀବୀ ମାନଙ୍କ ସୂଚନା ପାଇବା ପରେ ସ୍ଥାନୀୟ ମହିଳା ଶିଶୁ କଲ୍ୟାଣ ଅଧିକାରୀ ଅସ୍ତରଙ୍ଗ ପୋଲିସ କୁ ନେଇ ମନ୍ଦିର ରେ ଚଢ଼ାଉ କରିଥିଲେ। ବାହାଘର ରେ ଆସିଥିବା ଲୋକ ଙ୍କୁ ପଚାରିଥିଲେ। ମାତ୍ରଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ ଲୋକ। ବର କନ୍ୟା ପୋଲିସ ଆସିବା ଆଗରୁ ସ୍ଥାନ ଛାଡି ଗାୟବ ହୋଇଥିଲେ ଠିକ ସେହିପରି କୋଣାର୍କ ଅଞ୍ଚଳ ର ଜଣେ ୧୨ ରୁ ୧୩ ବର୍ଷୀୟା ନାବାଳିକା କୁ ଅସ୍ତରଙ୍ଗ ଅଞ୍ଚଳ ପାଟସୁନ୍ଦରପୁର ର ଏକ ଯୁବକ ସହ କିଛି ମାସ ତଳେ ସେହି ଐଶାନେସ୍ୱର ଙ୍କ ମନ୍ଦିର ରେ ବାହାଘର କରାଯାଇଥିଲା। ସାମାଜିକ ଗଣମାଧ୍ୟମ ରେ ଉକ୍ତ ନାବାଳିକା ର ଫୋଟୋ ଚିତ୍ର ଭାଇରଲ ହେବା ପରେ ସିଡିପିଓ ଓ ଅସ୍ତରଙ୍ଗ ପୋଲିସ ଉକ୍ତ ଗ୍ରାମ ରେ ଯାଇ ଚଢ଼ାଉ କରିଥିଲେ ମାତ୍ର ଘର ବନ୍ଦ କରି ପରିବାର ଲୋକ ଚମ୍ପଟ ମାରିଥିଲେ। ଏହି ସବୁ ଘଟଣା କିପରି ହେଲା ସ୍ଥାନୀୟ ଅଙ୍ଗନବାଡି ଦିଦି ଜାଣି ପାରିଲେନି ତାହାକୁ ନେଇ ବିଭାଗୀୟ ଅଧିକାରୀ କ୍ଷୋଭ ପ୍ରକାଶ କରିବା ସହ ଯେଉଁଠି ବିଲୁଚିବେ ଆମେ ଖୋଜିକି ବାହାର କରିଆଇନଗତ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସ୍ଥାନୀୟ ମହିଳା ଶିଶୁ କଲ୍ୟାଣ ଅଧିକାରୀ ଲୋଚନା ସେଠି ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି।

## 'ବାଲ୍ୟ ବିବାହକୁ ନାଁ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା

କପ୍ତିପଦା, (ମହାଭାରତ): କପ୍ତିପଦା -ଦେବଳା ଗ୍ରାମ ପଂଚାୟତ ଅନ୍ତର୍ଗତ ବଡ଼ଝାଡ଼ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ 'ବାଲ୍ୟ ବିବହ କୁ ନାଁ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବାଲ୍ୟ ବିବାହ ଆମ ସମାଜର ଏକ ରୋଗ । ଏହାଦ୍ୱାରା ସମାଜରେ ଅନେକ କ୍ଷତି ହୋଇଥାଏ । ସୁସ୍ଥ ସମାଜ ପାଇଁ ସୁସ୍ଥ ମାଆ ଜଣଙ୍କର ଆବଶ୍ୟକତା ରହିଛି । ତେଣୁ କୈଶର ବୟସରେ ଏକଥା ପିଲା ମାନଙ୍କ ମନରେ ରହିଲେ ବାଲ୍ୟ ବିବାହକୁ ରୋକାଯାଇ ପାରିବ । ମାନସିକ ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି ଝିଅକୁ ଅଠର ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି 'ବାଲ୍ୟ ବିବାହକୁ ନାଁ 'ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାର ପୁରସ୍କୃତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ବୈଠକର ଆଲୋଚନା କରିଥିଲେ।

# ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସ ପାଳିତ



କେନ୍ଦୁଝର, (ମହାଭାରତ) : ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳ କେନ୍ଦୁଝର ଜିଲା ପକ୍ଷରୁ ଶନିବାର ଶୌର୍ଯ୍ୟ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି। ଏହି ଉପଲକ୍ଷେ କେନ୍ଦୁଝର ମାଇନିଙ୍ଗ ରୋଡ଼ ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ପରେ ଶତାଧିକ ବଜରଙ୍ଗ ଦଳ କର୍ମୀଙ୍କ ପକ୍ଷରୁ ଏକ ବାଇକ ରାଲି କେନ୍ଦୁଝର ସହର ପରିକ୍ରମା କରିଥିଲେ। ଏହି ବାଇକ ରାଲି ଶୋଭାଯାତ୍ରା ମାଇନିଙ୍ଗ ରୋଡ଼ ରାମମନ୍ଦିର ନିକଟରେ ବାହାରି ନିଉକଲୋନୀ , ପୁଁତ୍ରଡ଼ିହା, ଧୋବାଡ଼ିହା, ସିରାଜୁଦ୍ଦିନ ଛକ, ଗାନ୍ଧୀ ଛକ, ଜେଲରୋଡ଼ ଛକ, ଚର୍ଚ୍ଚ ଛକ, ଟେଲିଫୋନ ଏକ୍ସଚେଞ୍ଜ ଛକ, ଥାନା ଛକ, କଲେକ୍ଟରେଟ ଛକ ଲାବଣ୍ୟ ଛକ କୋର୍ଟ ଛକ ହୋଇ ରାମମନ୍ଦିର ନିକଟରେ ପରିକ୍ରମା ଶେଷ କରିଥିଲା ଏହି ବାଇକ ରାଲିରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରମୁଖ କର୍ମୀ ମାନେ ଜୟଶ୍ରୀରାମ ନାରା ଦେଇ ସହର ପରିକ୍ରମା କରି ଶୌର୍ଯ୍ୟଦିବସ ପାଳନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ସୂଚନାଯୋଗ୍ୟ ଯେ ୧୯୯୨ ମସିହା ଡିସେମ୍ବର ମାସ ୬ ତାରିଖରେ ହଜାର ହଜାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ,ବିଶ୍ୱହିନ୍ଦୁ ପରିଷଦର ଭାଇମାନେ ଏକତ୍ରିତ ହୋଇ ଅଯୋଧାର ଐତିହାସିକ ଶ୍ରୀରାମ ଜନ୍ମଭୂମି ଉପରୁ ପାଞ୍ଚ ଶହ ବର୍ଷ ଧରି ବାବରୀ ମସଜିଦ ଢାଞ୍ଚାକୁ ଧରାଶାୟୀ କରି ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ବିଜୟ ପ୍ରାପ୍ତ କରିଥିଲେ। ଏହି ବିଜୟ, ଏହି ବୀରତ୍ୱ, ଏହି ପୁନର୍ଜାଗରଣକୁ ମନେପକାଇ ସେହି ଦିନକୁ ଶୌର୍ଯ୍ୟ ଦିବସ ଭାବେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପାଳନ କରା ଯାଉଛି। ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ତୁଷାର ସାମନ୍ତ, ସମ୍ପାଦକ ସ୍ୱପନେଶ୍ୱର ସାହୁ, ପୂର୍ବପ୍ରନ୍ତୀୟ ମହିଳା ମୋର୍ଚ୍ଚା ସେବା ପ୍ରମୁଖ ମାମିନା ରାଉ୍ତଙ୍କ ସହିତ ଜିଲା ସଭାପତି ତୁଷାରକାନ୍ତ ସାମନ୍ତ, ଜିଲା ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ,ଜିଲା ସହ ସମ୍ପାଦକ କେଦାରନାଥ ଦାଶ, ନଗର ସମ୍ପାଦକ ସୁବ୍ରତ ମହାନ୍ତି, ସହ ସମ୍ପାଦକ ରଞ୍ଜନ ସାହୁ, ସୁପାଇ ମୁର୍ମୁ, ଗୋରକ୍ଷା ପ୍ରମୁଖ ଦୁର୍ଯ୍ୟୋଧନ ମହାନ୍ତ, କାର୍ଯ୍ୟାଳୟ ପ୍ରମୁଖ କାର୍ତ୍ତିକ ମହାନ୍ତି, ଦେବାଶିଷ ପତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପ୍ରତାପ ଝରା, ନୀଳମଣି ସାହୁ, ମହେନ୍ଦ୍ର ସାହୁ, ପ୍ରଫୁଲ୍ଲ ଓଝା, ବିଶ୍ୱହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରସାର ପ୍ରମୁଖ ସତ୍ୟଜିତ ସାମନ୍ତରାୟ, ସତ୍ୟବ୍ରତ ରାଉଳ, ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ସାହୁ, ରଞ୍ଜିତ ସାହୁ, ବିଜେପି ପୂର୍ବତନ ସଭାପତି ରାଧାକାନ୍ତ ମାହାନ୍ତ, ପ୍ରକାଶ ମଲ୍ଲିକ, ଯେନେଶ ଭାଇ, ରଙ୍ଗାଧର ନାଥ ପ୍ରମୁଖ ଜିଲାରେ ନିଶାମୁକ୍ତି ଅଭିଯାନ ବିଷୟରେ ସମସ୍ତଙ୍କୁ ଶୌର୍ଯ୍ୟ ଦିବସଠାରୁ ବିଶେଷ ଅଭିଯାନ ଆରମ୍ଭ କରି ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ସଙ୍ଘ କାର୍ଯ୍ୟ କର୍ତ୍ତା ମାନଙ୍କୁ ମିଳିତ ସହଯୋଗରେ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ବାୟୁ ପ୍ରଦୂଷଣ ବଳୟରେ ଯୋଡା ଖଣି ଅଞ୍ଚଳ

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳରେ ରେ ବାୟୁ ପ୍ରଦୂଷଣ ର ସ୍ଥିତି ଗମ୍ଭୀର ସ୍ଥିତି ଆଡ଼କୁ ଯାଉଛି ।ଯୋଡା ଏବଂ ଆଖପାଖ ଅଞ୍ଚଳରେ ସବୁଜିମା ଏବଂ ବନାଞ୍ଚଳ ଥାଇ ମଧ୍ୟ ବାୟୁ ପ୍ରଦୂଷଣ ୨.୬୭ଡଷ୍ଟ ପାର୍ଟିକିଲ ଧୂଳି କଣା ରହିଛି । ଏକ ଘରୋଇ କମ୍ପାନୀ ର ଡିସପ୍ଲେ ବୋର୍ଡ ରୁ ଏହା ଜଣା ପଡ଼ିଛି ।ଏକଦା ଘଞ୍ଚ ଜଙ୍ଗଲ ,ସବୁଜିମା ପ୍ରାକୃତିକ ଝରଣା ,ଥିବା ଏହି ଅଞ୍ଚଳ ଏବେ ପ୍ରଦୂଷଣ ବଳୟ କୁ ପ୍ରବେଶ କରୁଛି ବୋଲି ଯୋଡା ବିକାଶ ପରିଷଦ ର ସଭାପତି ନିରଞ୍ଜନ ବହିଦାର ମତ ଦେଇଛନ୍ତି ।ସେହିପରି ବରିଷ୍ଠ ନାଗରିକ ତଥା ଯୋଡା ସହର ର ପୂର୍ବତନ ଉପ ନଗରପାଳ ପୁରୁଷୋତ୍ତମ ଦାସ କହିଛନ୍ତି ଯେ,ଡିସେମ୍ବର ମାସ ମଧ୍ୟରେ ଯୋଡା ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ଗତ ୫ବର୍ଷ ତଳେ ୬ଡିଗ୍ରୀ ରୁ ୮ଡିଗ୍ରୀ ମଧ୍ୟରେ ରହୁଥିଲା ଏବଂ ଶୀତ ର ପ୍ରକୋପ ଅଧିକ ଥିଲା ।ଏବେ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି ।ଯଦିଓ ଶୀତ ଅନୁଭୂତ ହେଉଛି ହେଲେ ରାତ୍ରି ବେଳେ ସର୍ବନିମ୍ନ ତାପମାତ୍ରା ୧୧ ରୁ ୧୨ ଡିଗ୍ରୀ ମଧ୍ୟରେ ରହିଛି ।ଯାହାକି ପରିବେଶ ର ବ୍ୟତିକ୍ରମ ବୋଲି ସ୍ପଷ୍ଟ ଜଣାପଡୁଛି ।ସେହିପରି ଦିନବେଳ ର ତାପମାତ୍ରା ସର୍ବାଧିକ ୨୫ ରୁ ୨୭ ଡିଗ୍ରୀ ମଧ୍ୟରେ ରହୁଚି ।ଯାହାକି ଅତୀତରେ ୧୮ ରୁ ୨୨ ଡିଗ୍ରୀ ମଧ୍ୟରେ ରହୁଥିଲା ।ଋତୁ ଚକ୍ର ରେ ଏହିପରି ପରିବର୍ତ୍ତନ ବ୍ୟାପକ ଜଙ୍ଗଲ କାଟ, ଅସନ୍ତୁଳିତ ପରିବେଶ ,ଅନିୟନ୍ତ୍ରିତ ଭାରିଯାନ୍ ଚଳାଚଳ,ଶିଳ୍ପ କାରଖାନାରୁ ନିର୍ଗତ ଧୂଆଁ ରେ ନିର୍ଦ୍ଧାରିତ କାର୍ବନ ର ମାତ୍ରାକୁ ନିୟନ୍ତ୍ରିତ ନ କରି ନିର୍ଗତ ଧୂଆଁ କୁ ସିଧା ସଳଖ ବାୟୁ ମଣ୍ଡଳ କୁ ଛାଡି ଦେବା,ପ୍ରଭୃତି ଯୋଗୁଁ ସ୍ଥିତି ଅନାୟତ ଆଡ଼କୁ ଯାଉଛି ବୋଲି ପରିବେଶବିତ ଉଦୟ ଶଙ୍କର ଆର୍ଚ୍ଚର୍ଯ୍ୟ କହିଛନ୍ତି ।ଟଙ୍କା ରୋଜଗାର ପାଇଁ ଶୈଳ ନିବାସ ଭାବେ କୁହାଯାଉଥିବା ଯୋଡ଼ା ଅଞ୍ଚଳ କୁ ବିଷ ବଳୟ ଆଡ଼କୁ ଠେଲି ନ ଦିଆ ଯାଉ ବୋଲି ଆର୍ଚ୍ଚର୍ଯ୍ୟ କହିଛନ୍ତି ।ବ୍ୟାପକ ଖଣି ଖନନ ହେତୁ ଶହ ଶହ ହେକ୍ଟର ଜଙ୍ଗଲ ପଦା ହେଉଛି ହେଲେ ସେହି ଅନୁପାତରେ ବୃକ୍ଷ ରୋପଣ ହେଉ ନାହିଁ ।ଫଳରେ ବୃଷ୍ଟିପାତ ହ୍ରାସ ପାଉଛି ,ଉତ୍ତାପ ବୃଦ୍ଧି ପାଉଛି ।ଏହାକୁ ନିୟନ୍ତ୍ରଣ ନ କଲେ ଆଗାମୀ ଦିନରେ ସ୍ଥିତି ଗମ୍ଭୀର ହେବ ବୋଲି ସେ କହିଛନ୍ତି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଲହଣ୍ଡା ଠାରେ ଟ୍ରକ୍ ଧକ୍କାରେ ୩ ଜଣ ବାଇକ୍ ଆରୋହୀଂକ ମୃତ୍ୟୁ ଘଟିଛି ।ବିଳମ୍ବିତ ସନ୍ଧ୍ୟା ପ୍ରାୟ ୬.୪୦ ମିନିଟ ସମୟରେ ୫୨୦ ନଂ ଜାତୀୟ ରାଜପଥ ର ଲହଣ୍ଡା ଠାରେ ବାଇକ୍ ନଂ ଓ ଡି ୦୯ ଏ ୫୯୧୭ ଯୋଗେ ତିନି ଜଣ ଯୋଡା ଅଭିମୁଖେ ଆସୁଥିବା ବେଳେ ଲୁହାପଥର ବୋଝେଇ ଟ୍ରକ ଟି ବାଇକ୍ କୁ ଧକ୍କା ଦେଇଥିଲେ ।ଫଳରେ ଘଟଣାସ୍ଥଳ ରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ତୃତୀୟ ଜଣ ଙ୍କୁ ଯୋଡା ସ୍ଥିତ ଟାଟା ଷ୍ଟିଲ ଡାକ୍ତର ଖାନ କୁ ନେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା ।ମୃତକ ଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳି ପାରି ନ ଥିବା ଯୋଡା ଥାନା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ କହିଛନ୍ତି ।ପୋଲିସ ଟ୍ରକ୍ ଓ ଡ୍ରାଇଭର କୁ ଅଟକ ରଖିଛି । ଘଟଣାସ୍ଥଳ ରେ ଉପସ୍ଥିତ ରହି ଟ୍ରାଫିକ କୁ ନିୟନ୍ତ୍ରଣ କରୁଛି ।କାରଣ ସାହି ଟୋଲ ଗେଟ୍ ଠାରୁ ଆରମ୍ଭ କରି ବିଲେଇପଦା ପର୍ଯ୍ୟନ୍ତ ବେପରୁଆ ଟ୍ରକ୍ ପାର୍କିଂ ଓ ଲହଣ୍ଡା ଓଭର ବ୍ରିଜ ରାସ୍ତା ଟି ସଂକୀର୍ଣ୍ଣ ହୋଇ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ।୪ ଲେନ ମାଧ୍ୟମରେ ଟ୍ରକ୍ ଗୁଡ଼ିକ ଆସି ଲହଣ୍ଡା ଠାରୁ ଟଲକ୍ ହଟିଂ ପର୍ଯ୍ୟନ୍ତ ଥିବା ସଂକୀର୍ଣ୍ଣ ରାସ୍ତା ରେ ସେମାନେ ଗତି ନିୟନ୍ତ୍ରଣ କରିପାରୁ ନାହାନ୍ତି ।ଯାହାକି ଦୁର୍ଘଟଣା ର କାରଣ ହେଉଛି ।ଏପରିକି ଜାତୀୟ ରାଜପଥ ପ୍ରାଧିକରଣ ର ଏହି ସଂକୀର୍ଣ୍ଣ ରାସ୍ତାରେ କୌଣସି ସୂଚନା ଫଳକ ଦିଆ ଯାଇ ନାହିଁ ।ଏହା ମଧ୍ୟ ଦୁର୍ଘଟଣା ର କାରଣ ହେଉଛି ବୋଲି ଦୁର୍ଘଟଣା ସ୍ଥଳ ରେ ଥିବା ପ୍ରତ୍ୟକ୍ଷ ଦର୍ଶୀ ମାନେ କହିଛନ୍ତି ।

## ଧାନ କଟା ଯନ୍ତ୍ର ଆଣି ଚାଷୀଙ୍କୁ ଶୋଷଣ କରୁଛନ୍ତି ବେପାରୀ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ରେ ଧାନ ଚାଷ ବହୁତ ପରିମାଣ ରେ ହୁଏ ବିଶେଷ କରି କାଶୀ ନଗର ବ୍ଲକ, ଗୋଷାଣୀ ବ୍ଲକ, ଗୁମ୍ମା ବ୍ଲକ୍ ରେ ହୁଏ। ବର୍ତ୍ତମାନ୍ ଖରିଫ ଋତୁ ରେ ହୋଇଥିବା ଧାନ ପାଚି ଯାଇଛି ଧାନ କଟା ଚାଲିଛି । ଅମଳ ସକାଶେ ଧାନ କଟା ଯନ୍ତ୍ର ସାହାଯ୍ୟରେ କଟା ଯାଉଛି କିଛି ବେପାରି ବାହାର ରାଜ୍ୟ ରୁ ବାହାର ଜିଲ୍ଲାରୁ ଧାନ କଟା ଯନ୍ତ୍ର ଆଣି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଘଣ୍ଟା ପ୍ରତି ବର୍ତ୍ତମାନ୍ ତିନି ହଜାର ଦୁଇଶହ ନେଉଛନ୍ତି। ଧାନ କାଟିବା ସକାଶେ। କମିଶନ ଆକାର ରେ ଘଣ୍ଟା ପ୍ରତି ନେଇଥାନ୍ତି। ଆଉ କିଛି ଚାଷୀ ଜିଲ୍ଲା ର ଧାନ କଟା ଯନ୍ତ୍ର କିଣି ବେପାର କରୁଛନ୍ତି। ଘଣ୍ଟା ପ୍ରତିସେହି ତିନି ହଜାର ଦୁଇଶହ ନେଉଛନ୍ତି । ସରକାର ଙ୍କ ଠାରୁ ସବିଶିଡ ରେ ଆଣି ବେପାର କରୁଛନ୍ତି। ଜଣେ ଚାଷୀ କହି କ୍ରୟ କରିଥାନ୍ତି କମ ଦମ ରେ କିନ୍ତୁ ସେହି ଚାଷୀ ବେପାର କରି ଥାଆନ୍ତି ।ଚାଷୀ ଏପଟେ ଶ୍ରମିକ ମଜୁରୀ ଅଧିକ ହୋଇଥିବା ରୁ ମେସିନ ରେ ଧାନ ଅମଳ କରିଥାନ୍ତି କିନ୍ତୁ ବେପାରୀ ଙ୍କ ଠାରୁ ଶୋଷଣ ହୋଇ ଥାଆନ୍ତି ।ବିଶେଷ କରି କ୍ଷୁଦ୍ର ଚାଷୀ ଏଥି ପ୍ରତି ଜିଲ୍ଲା ପ୍ରଶାସନ ଶୁଭ ଦୃଷ୍ଟି ପଡ଼ିଲେ ଚାଷୀ କୁଳ ଉପକୃତ ହୋଇ ପାରିବେ।

## ଖଜୁରିଆକଟା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା



ହିନ୍ଦୋଳ (ମହାଭାରତ) ହିନ୍ଦୋଳ ବ୍ଲକ ଖଜୁରିଆକଟା ସ୍ଥିତ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଶନିବାର ଉଦଯାପିତ ହୋଇଯାଇଛି । ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା , ମୁଖ୍ୟ ବକ୍ତା ଭାବେ ହିନ୍ଦୋଳ ଗୋଷ୍ଠୀଉନ୍ନୟନ ଅଧିକାରୀ ଡ. ସୌରଭ କଲ୍ୟାଣ ଦାଶ ଏବଂ ସମ୍ମାନିତ ଅତିଥିଭାବେ ହିନ୍ଦୋଳ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଯୋଗଦେଇ ବିଜ୍ଞାନ ମେଳାର ଶୁଭ ଉଦଘାଟନ କରିଥିବା ସମୟରେ । ଏହି ଅବସର ରେ ରାଷ୍ଟ୍ରିୟ ଆବିଷ୍କାର ଅଭିଯାନ , ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ଇକୋ ବ୍ଲକ ତିନୋଟି ବିଭାଗର ପ୍ରଦର୍ଶନୀ ମିଳିତ ଭାବରେ ହୋଇଥିଲା । ସମୁଦାୟ ୨୧୩ ଟି ବିଜ୍ଞାନ ପ୍ରକଳ୍ପ ଉଭୟ ପ୍ରାର୍ଥମିକ ଓ ଉଚ୍ଚ ବିଦ୍ୟାଳୟ ମାନଙ୍କରୁ ଛାତ୍ର ଛାତ୍ରୀ ମାନେ ପ୍ରଦର୍ଶନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ତହସିଲଦାର ଦିଲ୍ଲିପ କୁମାର ସେଠି , ମୁଖ୍ୟ ବକ୍ତା ଭାବେ ହିନ୍ଦୋଳ ଏସଡିପିଓ ସତ୍ୟ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରି ନିଜର ଉଜ୍ଜ୍ଵଳ ଭବିଶ୍ୟତ ଗଠନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଉକ୍ତ ବିଜ୍ଞାନମେଳାରୁ ମନୋନୀତ ୨୦ ଟି ପ୍ରକଳ୍ପ ଜିଲ୍ଲା ସ୍ତରିୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବାକୁ ସ୍ଥିରିକୃତ ହୋଇଥିବା ସମୟରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୟ କୁମାର ନାୟକ , ପ୍ରକାଶ କୁମାର ପ୍ରଧାନ , ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର , ଖଜୁରିଆକଟା ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନାଦି ଚରଣ ନାଏକ , ସମସ୍ତ ସିଆରସିସି ,ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ଶୀତକାଳୀନ ଅଧିବେଶନରେ ସୂତାକଳ ପ୍ରସଙ୍ଗ ନେଇ ଆସିକା ସାସଂଦଙ୍କ ଦାବି



ଆସିକା(ମହାଭାରତ): ବର୍ତମାନ ଶୀତକାଳୀନ ଅଧିବେଶନ ଚାଲିଥିବା ବେଳେ ଆସିକା ସୂତାକଳକୁ କାର୍ଯ୍ୟକ୍ଷମ ଉପରେ ପ୍ରଶ୍ନ ଉଠାଇଛନ୍ତି ଆସିକା ସାଂସଦ ଅନୀତା ଶୁଭଦର୍ଶନୀ। ଲୋକସଭା ପ୍ରଶ୍ନ କାଳ ମଧ୍ୟରେ ଆସିକା ଶ୍ରମିକ ମାନଙ୍କ ଭାତ ହାଣ୍ଡି କୁହାଯାଉଥିବା ଆସିକା ସୂତାକଳ ଦୀର୍ଘ ବର୍ଷ ହେଲା ବନ୍ଦ ହୋଇପଡିଛି। ବିଜେଡି ସରକାର ସମୟରେ ଏହି ସୂତାକଳ କୁ ଏକ ରୁଗ୍ଣ ଶିଳ୍ପରେ ପରିଣତ କରି ତାକୁ ଘରୋଇକରଣ କରାଯାଇଥିଲା ପରବର୍ତ୍ତୀ ସମୟରେ ଏହା ଉକ୍ତ କମ୍ପାନୀ ଏହାକୁ ବନ୍ଦ କରିଦେଇଥିଲା ଅଧିବେଶନ ରେ ସାଂସଦ ପ୍ରସଙ୍ଗ ଉଠାଇଥିଲେ ।ଆସିକା ସଂସଦୀୟ କ୍ଷେତ୍ରରେ ଥିବା ବହୁ ପୁରାତନ ସୂତାକଳ ରକ୍ଷାଣବେକ୍ଷଣ ଅଭାବରୁ ସୁପ୍ତ ଭାବେ ପଡି ରହିଛି। ଏହା କାର୍ଯ୍ୟକ୍ଷମ କଲେ ହଜାର ହଜାର ଶ୍ରମିକ ଆତ୍ମନିଯୁକ୍ତି ସୃଷ୍ଟି ହେବା ସହ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟ ଉପରେ ନିର୍ଭର କରିବେ ନାହିଁ । ଏଥି ସହିତ ହଜାର ହଜାର ଲୋକ ମାନଙ୍କ ପରିବାର ସହ ରହିବାର ଏକ ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ସାଂସଦ ଅନୀତା ଶୁଭଦର୍ଶନୀ ସାଂସଦ ରେ ମାନ୍ୟବର ମନ୍ତ୍ରୀ ଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଥାଉକି ୧୯୮୩ ମସିହାରୁ ଆରମ୍ଭ ହୋଇଥିବା ଆସିକା ସୂତାକଳ ରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ବିଭିନ୍ନ ବିଭାଗ ରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଗତ ୨୦୦୧ ମସିହାରେ ସୂତାକଳ ଅନେକ କର୍ମଚାରୀ ମାନଙ୍କୁ ସ୍ୱେଚ୍ଛା କୃତ ଭାବେ ଅବସର ନେବାକୁ କୁହାଯାଇଥିଲା ।ଏହା ପରେ ୨୦୦୬ ମସିହାରେ ରାଜ୍ୟ ସରକାର କଲିକତାର ବାଲାଜୀ ନାମକ ଏକ ବେସରକାରୀ ସଂସ୍ଥା କୁ ଶାଗ ମାଛ ଦର ରେ ବିକ୍ରି କରିଦେଲେ । ଉକ୍ତ ବାଲାଜୀ ସଂସ୍ଥା ୨୦୦୬ ମସିହା ଠାରୁ ୨୦୧୨ ପର୍ଯ୍ୟନ୍ତ ସୂତାକଳ ବହୁ ବାଧା ବିଘ୍ନ ଦେଇ ଚଳାଇବା ପରେ ମହାବାତ୍ୟା ପରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେଇଛି । ଯାହା ଫଳରେ ଶହ ଶହ ଶ୍ରମିକ କମ ଧନ୍ଦା ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟ କୁ ଯାଉଛନ୍ତି । ଆସିକା ସାଂସଦ ଅନୀତା ଶୁଭଦର୍ଶନୀ ଶ୍ରମିକ ମାନଙ୍କ ହିତ ଦୃଷ୍ଟିରୁ ତଥା ବେକାରୀ ସମସ୍ୟା ଦୂର କୁ ଆଖି ଆଗରେ ରଖି ଆସିକା ସୂତାକଳ କୁ କାର୍ଯ୍ୟକ୍ଷମ କରିବାକୁ ସଂସଦରେ ପ୍ରଶ୍ନ କରିଛନ୍ତି ।

## ବୃନ୍ଦାବାହାଲ ନୋଡାଲ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

ଗୋଲାମୁଣ୍ଡା (ମହାଭାରତ): ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଦିନ ଉଦଯାପିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଙ୍କ ପ୍ରତିନିଧି ଦେବରାଜ ରାଉତ ,ସ୍କୁଲ କମିଟି ସଭାପତି ବବୃବାହାନ ଟୋଲଟିଆ,ସାମ୍ବାଦିକ ଆଶୁତୋଷ ରାଉତ ଓ ରବିନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗ ର ଖେଳ ପ୍ରତିଯୋଗୀତାରେ ଉର୍ତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଙ୍କୁ ଉଦଯାପିତ ଦିବସରେ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଛି ।ଖେଳ -ଶାରୀରିକ ସ୍ୱାସ୍ଥ୍ୟତା ରଖିବା ସହ ମାନସିକ ସ୍ତରରେ ଆଧାତ୍ମିକତା ଜାଗରଣ କରେ। ଛାତ୍ରଛାତ୍ରୀ ଙ୍କ ଭିତରେ ଲୁକାୟିତ ରହିଥିବା ପ୍ରତିଭା ପରିପ୍ରକାଶ କରିବା ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ଥିବା ସରକାର ଙ୍କ ପଦକ୍ଷେପ ନିଶ୍ଚିତ ଭାବେ ଛାତ୍ରଛାତ୍ରୀ ଙ୍କ ବିକାଶ ରେ ସହଯୋଗ କରିବ ବୋଲି ମଞ୍ଚାସିନ ଅତିଥି ମାନେ ପ୍ରକାଶ କରିଛନ୍ତ। କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅରୁଣ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ରୁକ୍ଷଦେ ମାଝୀ,ଖେଳ ଶିକ୍ଷକ ରାକେଶ କୁମାର ପଣ୍ଡା,ବିଶ୍ୱପ୍ରିୟା କ୍ରାନ୍ତି କୁମାର ପ୍ରଧାନ,ତରଙ୍ଗ ଚଣ୍ଡୀ,କରୁଣା ରଣା,ଜୟପ୍ରକାଶ ଖୁରା,ହେରାମ୍ବ ଗଇଁତା,ମଳୟ ଭୋଇ,ଅର୍ଜୁନ ଶବର,ଦୁର୍ଯ୍ୟଧନ ମାଝୀ,ଲଳିତ ନିଆଲ,ଶିକ୍ଷୟତ୍ରୀ ତୃପ୍ତି ମେହେର,ଚିନ୍ମୟୀ ମାଝୀ,ନିତୁ ରାଣୀ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦେବଗଡରେ ଆମ୍ବେଦକରଙ୍କ ମହା ପରିନିର୍ବାଣ ଦିବସ ପାଳନ



ଦେବଗଡ଼, (ମହା ଭାରତ ): ଶନିବାର ଦିନ ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ଓ ଆମ୍ବେଦକର ୟୁଥ୍ କ୍ଲବ୍, ଦେବଗଡ଼ ତରଫରୁ ବାବା ସାହେବ ଡ଼. ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ସ୍ଥାନୀୟ ଆମ୍ବେଦକର ଛକ, ରାଜା ମୁଣ୍ଡା ଠାରେ ଏବଂ ଆମ୍ବେଦକର ଛକ, ଆର୍.ସି.ଏମ.ଏସ୍. ସାହି ଛକ ଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପୁଷ୍ପମାଲ୍ୟ ଅର୍ପଣ ଓ କ୍ୟାଣ୍ଡଲ ଜାଳି ଉଭୟ ସ୍ଥାନରେ ପାଳନ କରାଯାଇଥିଲା ।ଏହି ଦିବସରେ ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷ ପ୍ରଯିତ ଭୋଜ ଉପସ୍ଥିତ ହୋଇ ମାଲ୍ୟାର୍ପଣ କଲେ। ମାଲ୍ୟାର୍ପଣ ପରେ ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚର ପ୍ରତିଷ୍ଠାତା ଓ ସଂଯୋଜକ ତଥା ଆମ୍ବେଦକର ୟୁଥ୍ କ୍ଲବର ସଭାପତି କ୍ଷମାନିଧି ମାନବ ମହାପରିନିର୍ବାଣ ଦିବସ ଉପଲକ୍ଷେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ।କାର୍ଯ୍ୟକ୍ରମରେ ମଞ୍ଚର ସାଧାରଣ ସମ୍ପାଦକ ଶିବାଜୀ ଭୋଜ, କୋଷାଧ୍ୟକ୍ଷ ପରମାନନ୍ଦ କୁସୁମ, ଭୀମ ଆର୍ମି ଜିଲ୍ଲା ସଭାପତି ରିତେଶ ବେହେରା, ସହ ଅନେକ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ସଚେତନତା ଶିବିର




ଦଶପଲ୍ଲା, (ମହାଭାରତ): ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ବିଷୟରେ ପ୍ରକଳ୍ପ ଅଧିକାର, ଦଶପଲ୍ଲାଙ୍କ ଆୟୋଜନ କ୍ରମେ ଗ୍ରାମ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ବାଣୀଗୋଛା ଗ୍ରାମ ପଞ୍ଚାୟତ ସଭା ଗୃହରେ ସରପଞ୍ଚ ଶ୍ରୀମତୀ ସସ୍ମିତା ମହକ୍କୁଡ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଏ ସଭାରେ ସ୍ଥାନୀୟ ଏମ୍. ବି. କେ, ସି ଆର୍. ପି,ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ବିଭିନ୍ନ ଗ୍ରାମର ଗ୍ରାମ ବାସୀ ସମେତ ସ୍ଥାନୀୟ ସାମ୍ବାଦିକ ଇତ୍ୟାଦି ଯୋଗଦାନ କରି ଏ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପ୍ରକଳ୍ପ ଅଧିକାରୀ ପ୍ରଭାତ କୁମାର ସାହୁ ମହୋଦୟ ପ୍ରକଳ୍ପ ଅଧିକାରର କାର୍ଯ୍ୟ କ୍ରମ, କାର୍ଯ୍ୟଧାରା ଓ ଏହାର ଆଭିମୁଖ୍ୟ ବିଷୟରେ କହିଥିବା ବେଳେ ଟି.ପି.ସି.ଓ ଡି. ଏଲ୍ ଓ ମହାଶକ୍ତି ଫାଉଣ୍ଡେସନ ଙ୍କ ମିଳିତ ଉଦ୍ୟମରେ ଚାଲିଥିବା ପ୍ରକଳ୍ପ ଅଧିକାରର ସଫଳତା ଓ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଆବଶ୍ୟକତା ବିଷୟ ରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ତଥା ଆଲୋଚକ ଭାବେ ଟି ପି ସି ଓ ଡି ଏଲ ତରଫରୁ ଶ୍ରୀଯୁକ୍ତ ସରୋଜ ସାହୁ, ଶ୍ରୀଯୁକ୍ତ କାହ୍ନୁ ଚରଣ ଦଣ୍ଡପାଟ, ସରୋଜ କୁମାର ଭୋଇ ଏବଂ ଜୀତେନ୍ଦ୍ର ସେଠୀ ମହୋଦୟ ଯୋଗଦାନ କରି ସୌର ଶକ୍ତିର ବ୍ୟବହାର ଏବଂ ସୂର୍ଯ୍ୟ ଘର ଯୋଜନାର ଉପକାରିତା ତଥା ଆବଶ୍ୟକତା ଓ ଏହାର ନୀତି ନିୟମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ ଘଟଣା ସ୍ଥଳରେ ଫରେନସିକ୍

କାକଟପୁର(ମହାଭାରତ):କାକଟପୁର ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟ ରେ କାକଟପୁର ନୂତନ ବସ ଷ୍ଟାଣ୍ଡ ପୂର୍ବରୁ ତିନି ଜଣ ଯୁବକ ଙ୍କ ସହିତ ଦୁଇ ଟି ମଟର ସାଇକେଲ କୁ ଦୁର୍ଘଟଣା ଅବସ୍ଥା ରେ ଦେଖିବାକୁ ପାଇଥିଲେ, ଘଟଣା ସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ପୋଲିସ ଭ୍ୟାନ୍ ରେ କାକଟପୁର ଚିକିତ୍ସାଳୟ ନେଇଥିଲେ। ସେଠି ଭଣ୍ଡାଘର ଗ୍ରାମ ସ୍ରାଫ ଖାନ ଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ଅନ୍ୟ ଦୁଇ ଗୁରୁତ୍ୱର ଙ୍କୁ ଚରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି। କାକଟପୁର ପୋଲିସ ପକ୍ଷ ରୁ ୩୫୪/୨୫ କେଶ ନମ୍ବର ରେ ଏକ ମାମଲା ପଞ୍ଜିକରଣ କରାଯିବା ପରେ ଆଜି ଦୁର୍ଘଟଣା ସ୍ଥାନରେ ଫରେନସିକ୍ ଟିମ୍ ଓ କାକଟପୁର ପୋଲିସ ତରଫରୁ ଯାଞ୍ଚ କରାଯାଉଛି, ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ର କାରଣ ଅସ୍ପଷ୍ଟ ରହିଛି ।

# ୬୩ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ୨୦୨୫ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ବେତା ଗୁଡା ରିଜର୍ଭ ପୋଲିସ ପଡ଼ିଆରେ ୬୩ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ୨୦୨୫ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ ।ଉପସ୍ଥିତ ଥିବା ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ବର୍ଷ ସାରା ଭାରତ ବର୍ଷରେ ଡିସେମ୍ବର ୬ ତାରିଖକୁ ଗୃହରକ୍ଷୀ ଦିବସ ପାଳିତ ହୋଇଥାଏ। ଭାରତ ସରକାରଙ୍କ କେବେନେଟର ନିଷ୍ପତ୍ତି ଅନୁଯାୟୀ ଗୃହ ମନ୍ତ୍ରାଳୟ ଦେଶର ସମସ୍ତ ରାଜ୍ୟ ସରକାର ମାନଙ୍କୁଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରିବା ପାଇଁ ଆଦେଶ ଦେଇଥିଲେ। ୧୯୬୨ ମସିହା ଭାରତ ଚୀନ ଯୁଦ୍ଧ ପରେ ଉପୁଜିଥିବା ଜରୁରୀ କାଳୀନ ପରିସ୍ଥିତି ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅ□ଳରେ ମୁଖ୍ୟ ଶାସନ ସଚିବ ମାନଙ୍କୁ ପରାମର୍ଶ ଦିଆଯାଇ ପ୍ରତ୍ୟେକ ରାଜ୍ୟରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ଗୃହରକ୍ଷୀ ବାହିନୀ ସଙ୍ଗଠନରେ ମିଶାଇ ଆବଶ୍ୟକ ସ୍ଥଳେ ଦେଶର ଏକ ବୃହତମ ସଙ୍ଗଠନ ରୂପେ ଦେଶର ଉପକାରରେ ଯେପରି ଆସିପାରିବେ ସେ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଗୃହରକ୍ଷୀମାନଙ୍କ କାର୍ଯ୍ୟ ହେଲା ସେମାନେ ପୋଲିସ ସାହାଯ୍ୟ ଓ ସହଯୋଗ କରିବା ସଙ୍ଗେ ସଙ୍ଗେ ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା ଦିଗରେ ସହାୟକ ହେବେ। ବନ୍ୟା ବତ୍ୟା ମହାମାରୀ ଭଳି ଦୈବି ଦୁର୍ବିପାକ ସମୟରେ ଓ ଘର ପୋଡି ଏବଂ ଅନ୍ୟାନ୍ୟ ଜରୁରୀ କାଳୀନ ପରିସ୍ଥିତି ସମୟରେ ଗୃହରକ୍ଷୀ ମାନେ ନିରବଚ୍ଛିନ୍ନ ସେବା ଯୋଗାଇଥାନ୍ତି। ଗୃହରକ୍ଷୀ ମାନେ ଯାନବାହନ ଚଳାଇବା ଓ ଏହାର ନିୟନ୍ତ୍ରଣ, ବିଦ୍ୟୁତ, ଜଳ ଯୋଗାଣ ଓ ପ୍ରାଥମିକ ଚିକିତ୍ସା, ଅଗ୍ନି ନିର୍ବାପନ ଭଳି ଅତ୍ୟାବଶ୍ୟକ ସେବା ଯୋଗାଇ ଦେବାରେ ସହାୟକ ହୋଇଥାନ୍ତି ।ଗୃହରକ୍ଷୀ ମାନେ ସମାଜର ଦୁର୍ବଳ ଶ୍ରେଣୀ ଲୋକ ମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ସାମ୍ପ୍ରଦାୟିକ ସଦଭା ରକ୍ଷା ଦିଗରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।ଗୃହରକ୍ଷୀ ମାନେ ସାମାଜିକ ଓ ଆର୍ଥିକ ସଂସ୍କାର ଜନ ହିତକର ଓ କଲ୍ୟାଣ କାର୍ଯ୍ୟକ୍ରମ ଯଥା ପୌଢ ଶିକ୍ଷା ସ୍ୱାସ୍ଥ୍ୟରକ୍ଷା ପରିମଳ ଓ ଅନ୍ୟାନ୍ୟ ପ୍ରଗତିମୂଳକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥାନ୍ତି ।ଏତଦ୍ବ୍ୟତୀତ ଗୃହରକ୍ଷୀମାନେ ବିଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ବାହିନୀକୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗ କରିଥାନ୍ତି ।ଟ୍ରାଫିକ ନିୟନ୍ତ୍ରଣ, ପହରା, ଗାର୍ଡଡିଉଟି,ଅତ୍ୟାବଶ୍ୟକ ସେବା ଯୋଗାଣ ପରିବହନ ବିଜୁଳି ପାଣି ଯୋଗାଣ,ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ବନ୍ୟା ବତ୍ୟା ଉଧାର ଓ ରିଲିଫ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଗୃହରକ୍ଷୀମାନେ ନିଷ୍କାମ ସେବାର ଉଚ୍ଚ ପରମ୍ପରା ବଜାୟ ରଖି ଦେଶ ଓ ଜନସାଧାରଣଙ୍କ ସେବା କରି ଉଚ୍ଚ ପ୍ରଶଂସିତ ହୋଇ ଥାନ୍ତି। ଏହି ଅବସରରେ ଭାରତର ମହା ମହିମ ରାଷ୍ଟ୍ରପତି,ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରଗୃହମନ୍ତ୍ରୀ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗର ଡିଜିଙ୍କ ବାର୍ତ୍ତା ପଠନ କରିଥିଲେ ।ଏହି ଅବସରରେ ଶ୍ରେଷ୍ଠ ଗୃହରକ୍ଷୀମାନେ ଉ□ମ କାର୍ଯ୍ୟ କରି ଥିବାରୁ ଆର୍ଥିକ ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇ ଥିଲା ।ଏହି ଅବସରରେ ଅତିଥି ଭାବେ ପାରଳା ପୋର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ଏସ ଡି ପି ଓ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ହାଓଡ଼ା-ସିଆଲଦା ସମେତ ପ୍ରମୁଖ ସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଗାଇବ ଉତ୍ତର ପୂର୍ବ ରେଳପଥ




ନୂଆଦିଲ୍ଲୀ: ବ୍ୟାପକ ଚାହିଦା ଶୀତ ଋତୁରେ ବ୍ୟାପକ ବିମାନ ବାତିଲ ଏବଂ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ସୁଗମ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଆରମ୍ଭ କରିଛି। ଆଜିଠାରୁ ବିଭିନ୍ନ ଜୋନରେ ୮୯ ଟି ସ୍ୱତନ୍ତ୍ର ଟ୍ରେନ୍ ସେବା (୧୦୦ ରୁ ଅଧିକ ଯାତ୍ରା) ଆଗାମୀ ତିନି ଦିନରେ ଚାଲିବ। ଏହା ସୁଗମ ଯାତ୍ରାକୁ ସମର୍ଥନ କରିବାରେ ଏବଂ ରେଳ ଯାତ୍ରାର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ସାହାଯ୍ୟ କରିବ। ଉତ୍ତର ପୂର୍ବ ରେଳପଥ ହାଓଡ଼ା, ସିଆଲଦା ଏବଂ ପ୍ରମୁଖ ସ୍ଥାନ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ ସେବା ପରିଚାଳନା କରିବ। ଟ୍ରେନ ନମ୍ବର ୦୩୦୦୯/୦୩୦୧୦ ହାଓଡ଼ା-ନୂଆଦିଲ୍ଲୀ-ହାଓଡ଼ା ସ୍ପେଶାଲ୍ ୬ ଡିସେମ୍ବରରେ ହାଓଡ଼ାରୁ ୦୩୦୦୯ ଏବଂ ୮ ଡିସେମ୍ବରରେ ନୂଆଦିଲ୍ଲୀରୁ ୦୩୦୧୦ ଛାଡିବ। ଟ୍ରେନ ନମ୍ବର ୦୩୧୨୭/୦୩୧୨୮ ସିଆଲଦା-ଏଲଟିଟି-ସିଆଲଦା ସ୍ପେଶାଲ୍ ୬ ଡିସେମ୍ବରରେ ସିଆଲଦାରୁ ୦୩୧୨୭ ଏବଂ ୯ ଡିସେମ୍ବରରେ ଏଲଟିଟିରୁ ୦୩୧୨୮ ଛାଡିବ। ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ମଧ୍ୟ ରେଳପଥ ୧୪ ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ପରିଚାଳନା କରିବ। ଏଥିରେ ୬ ଏବଂ ୭ ଡିସେମ୍ବରରେ ଟ୍ରେନ୍ ନମ୍ବର ୦୧୪୧୩ / ୦୧୪୧୪ ପୁଣେ-ବେଙ୍ଗାଲୁରୁ-ପୁଣେ; ୭ ଏବଂ ୯ ଡିସେମ୍ବରରେ ୦୧୪୦୯/୦୧୪୧୦ ପୁଣେ-ହଜରତ ନିଜାମୁଦ୍ଦିନ-ପୁଣେ; ୭ ଏବଂ ୯ ଡିସେମ୍ବରରେ ୦୧୦୧୯/୦୧୦୨୦ ଲୋକମାନ୍ୟ ତିଲକ ଟର୍ମିନସ୍ (ଏଲ୍ ?ଟିଟି)-ମଡଗାଓଁ-ଏଲ୍ ?ଟିଟି; ୬ ଏବଂ ୭ ଡିସେମ୍ବରରେ ୦୧୦୭୭/୦୧୦୭୮ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ (ସିଏସଏମଟି)-ହଜରତ ନିଜାମୁଦ୍ଦିନ- ସିଏସଏମଟି; ୦୧୦୧୫/୦୧୦୧୬ ଏଲ୍ ?ଟିଟି – ଲକ୍ଷ୍ନୌ - ଏଲ୍ଟିଟି ୬ ଏବଂ ୭ ଡିସେମ୍ବରରେ; ୦୧୦୧୨/୦୧୦୧୧ ନାଗପୁର - ସିଏସଏମଟି - ନାଗପୁର ୬ ଏବଂ ୭ ଡିସେମ୍ବରରେ; ୦୫୫୮୭ / ୦୫୫୮୮ ଗୋରଖପୁର - ଏଲ୍ଟିଟି - ଗୋରଖପୁର ୭ ଏବଂ ୯ ଡିସେମ୍ବରରେ; ଏବଂ ୦୮୨୪୫ / ୦୮୨୪୬, ୧୦ ଏବଂ ୧୨ ଡିସେମ୍ବରରେ ବିଲାସପୁର - ଏଲ୍ ?ଟିଟି - ବିଲାସପୁର ରହିଛି। ସମ୍ପ୍ରତି ବିମାନ ବାତିଲ ପରେ ଚାହିଦା ବୃଦ୍ଧିକୁ ପୂରଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳପଥ ସ୍ୱତନ୍ତ୍ର ଟ୍ରେନ୍ ଯୋଜନା କରିଛି। ଏଥିମଧ୍ୟରେ ଟ୍ରେନ୍ ନମ୍ବର ୦୮୦୭୩/୦୮୦୭୪ ସାନ୍ତ୍ରାଗାଛି-ୟେଲାହାନକା-ସାନ୍ତ୍ରାଗାଛି ଅନ୍ତର୍ଭୁକ୍ତ, ୦୮୦୭୩, ୭ ଡିସେମ୍ବରରେ ସାନ୍ତ୍ରାଗାଚି ଛାଡୁଛି ଏବଂ ୦୮୦୭୪ ୯ ଡିସେମ୍ବରରେ ୟେଲାହାନକାରୁ ଆସୁଛି। ଟ୍ରେନ ନମ୍ବର ୦୨୮୭୦/୦୨୮୬୯ ହାଓଡ଼ା-ସିଏସଏମଟି-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ ୬ ଡିସେମ୍ବରରେ ହାଓଡ଼ାରୁ ଛାଡିବ ଏବଂ ୮ ଡିସେମ୍ବରରେ ସିଏସଏମଟି ରୁ ୦୨୮୬୯ ଛାଡିବ। ଟ୍ରେନ ନମ୍ବର ୦୭୧୪୮/୦୭୧୪୯ ଚେରଲାପାଲି-ଶାଲିମାର-ଚେରଲାପାଲି ୬ ଡିସେମ୍ବରରେ ଚେରଲାପାଲିରୁ ଛାଡିବ ଏବଂ ୮ ଡିସେମ୍ବରରେ ୦୭୧୪୯ ଶାଲିମାରରୁ ପ୍ରସ୍ଥାନ କରିବ। ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ପାଇଁ, ଦକ୍ଷିଣ ମଧ୍ୟ ରେଳପଥ ଆଜି, ୬ ଡିସେମ୍ବର ୨୦୨୫ ରେ ତିନୋଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରୁଛି। ଚେର୍ଲାପାଲିରୁ ଶାଲିମାରକୁ ଟ୍ରେନ ନମ୍ବର ୦୭୧୪୮, ସିକନ୍ଦରାବାଦରୁ ଚେନ୍ନାଇ ଏଗମୋରକୁ ଟ୍ରେନ ନମ୍ବର ୦୭୧୪୬ ଏବଂ ହାଇଦ୍ରାବାଦରୁ ମୁମ୍ବାଇ ଏଲଟିଟିକୁ ଟ୍ରେନ ନମ୍ବର ୦୭୧୫୦ ଆଜି ପ୍ରସ୍ଥାନ କରୁଛି।

ବର୍ଦ୍ଧିତ ଯାତ୍ରା ଚାହିଦା ପୂରଣ କରିବା ପାଇଁ ପଶ୍ଚିମ ରେଳପଥ ସାତଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରିବ। ଏଥିମଧ୍ୟରେ ଟ୍ରେନ୍ ନମ୍ବର ୦୯୦୦୧ /୦୯୦୦୨ ମୁମ୍ବାଇ ସେଣ୍ଟ୍ରାଲ୍ - ଭବାନୀ ସୁପରଫାଷ୍ଟ ସ୍ପେସିଆଲ୍ (ସାପ୍ତାହିକ ଦୁଇଥର) ଅନ୍ତର୍ଭୁକ୍ତ, ପ୍ରତ୍ୟେକ ମଙ୍ଗଳବାର ଏବଂ ଶୁକ୍ରବାର ଦିନ ମୁମ୍ବାଇ ସେଣ୍ଟ୍ରାଲରୁ ୯ ରୁ ୩୦ ଡିସେମ୍ବର ମଧ୍ୟରେ ଏବଂ ପ୍ରତ୍ୟେକ ବୁଧବାର ଏବଂ ଶନିବାର ଦିନ ୧୦ ରୁ ୩୧ ଡିସେମ୍ବର ମଧ୍ୟରେ ଭବାନୀରୁ ସମୁଦାୟ ୧୪ ଟି ଯାତ୍ରା ହେବ। ଚିତ୍ତରଗଡ, ଭିଲୱାରା, ବିଜନାଗର, ନାସିରାବାଦ, ଅଜମେର, କିଶାନଗଡ, ଜୟପୁର, ଗାନ୍ଧୀ ନାଗର ଜୟପୁର, ବାନ୍ଦିକୁଇ, ଅଲୱାର, ରେୱାରୀ, କୋସଲି ଏବଂ ଚାର୍କି ଦାଦ୍ରି ଷ୍ଟେସନ ଉଭୟ ଦିଗରେ ଚାଲୁ ରହିବ। ଟ୍ରେନ ନମ୍ବର ୦୯୦୦୩/୦୯୦୦୪ ମୁମ୍ବାଇ ସେଣ୍ଟ୍ରାଲ – ଶାକୁର ବସ୍ତି ସୁପରଫାଷ୍ଟ ସ୍ପେଶାଲ ମଙ୍ଗଳବାର ଏବଂ ଶୁକ୍ରବାର ବ୍ୟତୀତ ପ୍ରତିଦିନ ମୁମ୍ବାଇ ସେଣ୍ଟ୍ରାଲରୁ ୮ ରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ଏବଂ ବୁଧବାର ଓ ଶନିବାର ବ୍ୟତୀତ ପ୍ରତିଦିନ ଶାକୁର ବସ୍ତିରୁ ୯ ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ, ମୋଟ ୩୨ ଟିପ୍ ହେବ, ଯାହାର ବୁକିଂ ୬ ଡିସେମ୍ବରରେ ଖୋଲିଛି। ଟ୍ରେନ ନମ୍ବର ୦୯୭୩୦/୦୯୭୨୯ ବାନ୍ଦ୍ରା ଟର୍ମିନସ – ଦୁର୍ଗାପୁରା ସୁପରଫାଷ୍ଟ ସ୍ପେଶାଲ ୮ ଡିସେମ୍ବରରେ ବାନ୍ଦ୍ରା ଟର୍ମିନସରୁ ୦୯୭୩୦ ଏବଂ ୭ ଡିସେମ୍ବରରେ ଦୁର୍ଗାପୁରାରୁ ୦୯୭୨୯ ଛାଡିବ, ଯାହାର ବୁକିଂ ୬ ଡିସେମ୍ବରରେ ଆରମ୍ଭ ହୋଇଛି। ଏହି ଟ୍ରେନରେ ପ୍ରଥମ ଏସି, ଏସି - ୨ ଟାୟାର, ଏସି - ୩ ଟାୟାର, ସ୍ଲିପର କ୍ଲାସ ଏବଂ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି।

ଯାତ୍ରୀଙ୍କ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି, ଭାରତୀୟ ରେଳପଥ ଗୋରଖପୁରରୁ ଅତିରିକ୍ତ ସେବା ପରିଚାଳନା କରିବ। ଟ୍ରେନ୍ ନମ୍ବର ୦୫୫୯୧/୦୫୫୯୨ ଗୋରଖପୁର-ଆନନ୍ଦ ବିହାର ଟର୍ମିନାଲ-ଗୋରଖପୁର ଦୁଇଟି ଯାତ୍ରା ପାଇଁ ଚାଲିବ, ୭ ଏବଂ ୮ ଡିସେମ୍ବରରେ ଗୋରଖପୁରରୁ ଏବଂ ୮ ଓ ୯ ଡିସେମ୍ବରରେ ଆନନ୍ଦ ବିହାର ଟର୍ମିନାଲରୁ ପ୍ରସ୍ଥାନ କରିବ। ଟ୍ରେନ୍ ନମ୍ବର ୦୫୫୮୭/୦୫୫୮୮ ଗୋରଖପୁର-ଏଲଟିଟି-ଗୋରଖପୁର ୭ ଡିସେମ୍ବରରେ ଗୋରଖପୁରରୁ ଏବଂ ୯ ଡିସେମ୍ବରରେ ଏଲଟିଟିରୁ ପ୍ରସ୍ଥାନ କରିବ। ବିହାରରୁ ଶୀତକାଳୀନ ଯାତ୍ରାକୁ ସୁଗମ କରିବା ପାଇଁ, ପୂର୍ବ କେନ୍ଦ୍ରୀୟ ରେଳବାଇ ପାଟନା ଏବଂ ଦରଭଙ୍ଗାରୁ ଆନନ୍ଦ ବିହାର ଟର୍ମିନାଲକୁ ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରିବ। ଟ୍ରେନ୍ ନମ୍ବର ୦୨୩୦୯/୦୨୩୧୦ ପାଟନା-ଆନନ୍ଦ ବିହାର ଟର୍ମିନାଲ-ପାଟନା ୬ ଏବଂ ୮ ଡିସେମ୍ବରରେ ପାଟନାରୁ ଏବଂ ୭ ଓ ୯ ଡିସେମ୍ବରରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ଟ୍ରେନ ନମ୍ବର ୦୨୩୯୫/୦୨୩୯୬ ପାଟନା – ଆନନ୍ଦ ବିହାର ଟର୍ମିନାଲ – ପାଟନା ଡିସେମ୍ବର ୭ ରେ ପାଟନା ଛାଡିବା ପାଇଁ ୦୨୩୯୫ ଏବଂ ଡିସେମ୍ବର ୮ ରେ ଆନନ୍ଦ ବିହାର ଟର୍ମିନାଲ ଛାଡିବା ପାଇଁ ୦୨୩୯୬ ସହିତ ଚଳାଚଳ କରିବ। ଟ୍ରେନ ନମ୍ବର ୦୫୫୬୩/୦୫୫୬୪ ଦରଭଙ୍ଗା – ଆନନ୍ଦ ବିହାର ଟର୍ମିନାଲ – ଦରଭଙ୍ଗା ଡିସେମ୍ବର ୭ ରେ ଦରଭଙ୍ଗା ଛାଡୁଛି ଏବଂ ଡିସେମ୍ବର ୯ ରେ ଆନନ୍ଦ ବିହାର ଟର୍ମିନାଲରୁ ପ୍ରସ୍ଥାନ କରୁଛି।

ଆଗାମୀ ଯାତ୍ରା ଅବଧିରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ଉତ୍ତର ପଶ୍ଚିମ ରେଳବାଇ ଗୋଟିଏ ଟ୍ରିପ୍ ଆଧାରରେ ଦୁଇଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରିବ। ଟ୍ରେନ ନମ୍ବର ୦୪୭୨୫ ହିସାର-ଖଡକି ସ୍ପେଶାଲ୍ ୭ ଡିସେମ୍ବର ୨୦୨୫ରେ ହିସାରରୁ ଛାଡ଼ିବ, ଟ୍ରେନ ନମ୍ବର ୦୪୭୨୬ ଖଡକି-ହିସାର ସ୍ପେଶାଲ୍, ୮ ଡିସେମ୍ବର ୨୦୨୫ରେ ଖଡକିରୁ ପ୍ରସ୍ଥାନ କରିବ। ଉତ୍ତର ପଶ୍ଚିମ ରେଳପଥ ମଧ୍ୟ ଗୋଟିଏ ଟ୍ରିପ୍ ସ୍ପେଶାଲ୍ ଟ୍ରେନ ନମ୍ବର ୦୯୭୨୯ ଦୁର୍ଗାପୁରା-ବାନ୍ଦ୍ରା ଟର୍ମିନସ୍ ସ୍ପେଶାଲ୍ ଚଲାଇବ, ଯାହା ୭ ଡିସେମ୍ବର ୨୦୨୫ରେ ଦୁର୍ଗାପୁରାରୁ ଛାଡ଼ିବ। ଟ୍ରେନ ନମ୍ବର ୦୯୭୩୦ ବାନ୍ଦ୍ରା ଟର୍ମିନସ୍-ଦୁର୍ଗାପୁରା ସ୍ପେଶାଲ୍, ୮ ଡିସେମ୍ବର ୨୦୨୫ରେ ବାନ୍ଦ୍ରା ଟର୍ମିନସ୍ ରୁ ପ୍ରସ୍ଥାନ କରିବ।

ଯାତ୍ରୀଙ୍କ ସୁବିଧା ପାଇଁ, ଉତ୍ତର ମଧ୍ୟ ରେଳପଥ ପ୍ରୟାଗରାଜ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରିବ। ଟ୍ରେନ ନମ୍ବର ୦୨୪୧୭ ଡିସେମ୍ବର ୬ ଏବଂ ୮ ତାରିଖରେ ପ୍ରୟାଗରାଜରୁ ଛାଡ଼ିବ, ୭ ଏବଂ ୯ ତାରିଖରେ ନୂଆଦିଲ୍ଲୀରୁ ଟ୍ରେନ୍ ନମ୍ବର ୦୨୪୧୮ ଭାବରେ ଫେରିବ, ପ୍ରତ୍ୟେକ ଦିଗରେ ମୋଟ ଦୁଇଟି ଯାତ୍ରା ହେବ। ସେହିପରି, ଟ୍ରେନ ନମ୍ବର ୦୨୨୭୫ ଡିସେମ୍ବର ୭ ତାରିଖରେ ପ୍ରୟାଗରାଜରୁ ଛାଡ଼ିବ, ୮ ଡିସେମ୍ବରରେ ନୂଆଦିଲ୍ଲୀରୁ ଟ୍ରେନ ନମ୍ବର ୦୨୨୭୬ ଭାବରେ ଫେରିବ, ପ୍ରତ୍ୟେକ ଦିଗରେ ଗୋଟିଏ ଯାତ୍ରା କରିବ। ଉତ୍ତର ରେଳବାଇ ୬ ଡିସେମ୍ବର ୨୦୨୫ରେ ୦୨୪୩୯ ନୂଆଦିଲ୍ଲୀ-ଶହୀଦ କ୍ୟାପଟେନ୍ ତୁଷାର ମହାଜନ ଉଧମପୁର ବନ୍ଦେ ଭାରତ ଏବଂ ସେହି ତାରିଖରେ ଅନୁରୂପ ୦୨୪୪୦ ଉଧମପୁର-ନୂଆଦିଲ୍ଲୀ ବନ୍ଦେ ଭାରତ ଚଳାଚଳ କରିବ, ଯାହା ଜାତୀୟ ରାଜଧାନୀ ଏବଂ ଜମ୍ମୁ-କାଶ୍ମୀର ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ଉତ୍ତର ଏବଂ ପଶ୍ଚିମ ମଧ୍ୟରେ ଦୀର୍ଘ ଦୂରତା ଯାତାୟାତକୁ ସହଜ କରିବା ପାଇଁ, ଟ୍ରେନ ୦୪୦୦୨ ନୂଆଦିଲ୍ଲୀ-ମୁମ୍ବାଇ ସେଣ୍ଟ୍ରାଲ ୬ ଡିସେମ୍ବର ୨୦୨୫ ରେ ଚାଲିବ, ଓ ୦୪୦୦୧ ମୁମ୍ବାଇ ସେଣ୍ଟ୍ରାଲ-ନୂଆଦିଲ୍ଲୀ ୭ ଡିସେମ୍ବର ୨୦୨୫ ରେ ପ୍ରସ୍ଥାନ କରିବ। ଉତ୍ତର ରେଳପଥ ମଧ୍ୟ ୦୪୦୮୦ ହଜରତ ନିଜାମୁଦ୍ଦିନ-ତିରୁବନନ୍ତପୁରମ ସେଣ୍ଟ୍ରାଲ ସ୍ୱତନ୍ତ୍ର ମାଧ୍ୟମରେ ଦିଲ୍ଲୀକୁ ଦକ୍ଷିଣ ରେଳପଥ ସହିତ ସଂଯୋଗ କରିବ, ଯାହା ୬ ଡିସେମ୍ବର ୨୦୨୫ ରେ ସ୍ଥିର କରାଯାଇଛି। ଦକ୍ଷିଣ କେନ୍ଦ୍ରୀୟ ରେଳବାଇ ନେଟୱାର୍କରେ ଆଞ୍ଚଳିକ ଗତିଶୀଳତାକୁ ସୁଦୃଢ଼ କରିବା ପାଇଁ, ଟ୍ରେନ ୦୭୭୦୩ ଚାଲିପାଲି-ଜାଲିମାର ୭ ଡିସେମ୍ବର ୨୦୨୫ ରେ ଚାଲିବ। ଶୀତକାଳୀନ ଭିଡ଼ ପରିଚାଳନା ପାଇଁ, ଦୁର୍ଗ ଏବଂ ହଜରତ ନିଜାମୁଦ୍ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ ଚାଲୁଛି। ଟ୍ରେନ ୦୮୭୬୦ ୭ ଡିସେମ୍ବର ୨୦୨୫ ରେ ଦୁର୍ଗରୁ ଏବଂ ଟ୍ରେନ ୦୮୭୬୧, ୮ ଡିସେମ୍ବର ୨୦୨୫ ରେ ହଜରତ ନିଜାମୁଦ୍ଦିନରୁ ଯାତ୍ରା କରିବ।

## କୁଖ୍ୟାତ ଅପରାଧୀଙ୍କୁ ହତ୍ୟା କଲେ ୫ ନାବାଳକ

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ ଏକ ଆଶ୍ଚର୍ଯ୍ୟଜନକ ଅପରାଧ ଘଟିଛି । ଆତଙ୍କ ଖେଳାଇଥିବା ଜଣେ କୁଖ୍ୟାତ ଅପରାଧୀର ହତ୍ୟା ହୋଇଛି । ହତ୍ୟା କୌଣସି ବିପକ୍ଷ ଗ୍ୟାଙ୍ଗର ବ୍ୟକ୍ତି କିମ୍ବା ପୁଲିସ ଏନକାଉଣ୍ଟରରେ ହୋଇନାହିଁ, ବରଂ ୫ ଜଣ ନାବାଳକ ତାଙ୍କୁ ହତ୍ୟା କରିଛନ୍ତି । ମୃତକ ଅପରାଧୀଙ୍କୁ ମୋନୁ ଓରଫ କ୍ରସିଂ ଭାବରେ ଚିହ୍ନଟ କରାଯାଇଛି, ଯାହା ବିରୁଦ୍ଧରେ ପୂର୍ବରୁ ହତ୍ୟା, ହତ୍ୟା ଉଦ୍ୟମ ଏବଂ ଅସ୍ତ୍ରଶସ୍ତ୍ର ଆଇନ ସମେତ ଅନେକ ଗୁରୁତର ଅପରାଧିକ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତ ନାବାଳକମାନଙ୍କୁ ଗିରଫ କରି ବାଳ ସୁଧାର କେନ୍ଦ୍ରକୁ ପଠାଇଦେଇଛି ।

ପୁଲିସର କହିବା ଅନୁଯାୟୀ, ମୋନୁର ବଟି ଆଦାୟ ଏବଂ ଉତ୍ପୀଡ଼ନରେ ବିରକ୍ତ ହୋଇ ନାବାଳକମାନେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସେମାନେ ଛୁରୀ, ପଥର ସାହାଯ୍ୟରେ ତାକୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି । ଦିଲ୍ଲୀ ପୁଲିସ ବିଳମ୍ବିତ ରାତି ପ୍ରାୟ ସାଢେ ୧ଟାରେ ସୂଚନା ପାଇଲା ଯେ ସାବଜି ମଣ୍ଡି ରେଳ ଷ୍ଟେସନ ପୁଲିସ ଷ୍ଟେସନ ଅଞ୍ଚଳରେ ରେଳ ଟ୍ରାକ ନିକଟରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସୂଚନା ପାଇବା ପରେ, ଏକ ପୁଲିସ ଦଳ, ଫୋରେନସିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ସମୟରେ ଜଣାପଡିଲା ଯେ ମୃତକଙ୍କ ଶରୀରରେ ଅନେକ ଛୁରୀ ଚିହ୍ନ ଏବଂ ଆଘାତ ରହିଛି। ଇ-ପ୍ରମାଣ ମଡ୍ୟୁଲ୍ ଅଧୀନରେ ସମସ୍ତ ପ୍ରମାଣ ସଂଗ୍ରହ କରାଯାଇଥିଲା ଏବଂ ମୃତକର ପରିଚୟ ମିଳିଥିଲା । ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବଢ଼ିଲା ଅସିମ ମୁନିରଙ୍କ କ୍ଷମତା; ଏଥର ମୁନିରଙ୍କ ହାତରେ ପରମାଣୁ ବଟନ !



ବଢ଼ିଲା ପାକିସ୍ତାନ ସେନା ମୁଖ୍ୟ ଅସିମ୍ ମୁନିରଙ୍କ କ୍ଷମତା । ଫିଲ୍ଡ ମାର୍ସଲରୁ ସିଡିଏଫ୍ ? ହେଲେ ମୁନିର । ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜ ?ଦାରୀ, ଫିଲ୍ଡ ମାର୍ସାଲ ସୟଦ ଅସିମ୍ ମୁନିରଙ୍କୁ ୫ ବର୍ଷ ପାଇଁ ଦେଶର ପ୍ରଥମ 'ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍' ବା ଉତ୍ତର ଭାବେ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି । ପାକିସ୍ତାନ ରାଷ୍ଟ୍ରପତି 'ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପକ୍ଷରୁ ମୁନିରଙ୍କୁ ସେନାଧ୍ୟକ୍ଷ ଏବଂ ପ୍ରତିରକ୍ଷା ବାହିନୀ ମୁଖ୍ୟ ଉଭୟ ପଦବୀ ଦେବା ପାଇଁ ସୁପାରିଶକୁ ମଞ୍ଜୁର କରାଯାଇଛି । ଏହାର ଅର୍ଥ ପରମାଣୁ ଅସ୍ତ୍ର ପରିଚାଳନା କ୍ଷମତା ମୁନିରଙ୍କ ପାଖରେ ରହିବ । ପାକିସ୍ତାନ ରାଷ୍ଟ୍ରପତିଙ୍କ ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲ୍ ଏକ ପୋଷ୍ଟରେ କୁହାଯାଇଛି, 'ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜରଦାରୀ ଫିଲ୍ଡ ମାର୍ସଲ ସୟଦ ଆସିମ୍ ମୁନିରଙ୍କୁ ଉତ୍ତର ସହିତ ୫ ବର୍ଷ ପାଇଁ ସେନାଧ୍ୟକ୍ଷ ଭାବେ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି ।' ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମୁନିରଙ୍କୁ ଅଧିକ କ୍ଷମତା ହସ୍ତାନ୍ତର କରିବାକୁ ଚାହୁଁଥିବା ନେଇ ହେଉଥିବା ଅନେକ କଳ୍ପନାଜଳ୍ପନା ପରେ ଏହି ନିଷ୍ପତ୍ତି ଆସିଛି । ବାସ୍ତବରେ ଶରିଫ ସରକାରଙ୍କୁ ୨୯ ନଭେମ୍ବରରେ ଦେଶର ପ୍ରଥମ ପ୍ରତିରକ୍ଷା ବାହିନୀ ମୁଖ୍ୟଙ୍କ ନିଯୁକ୍ତିକୁ ବିଜ୍ଞାପିତ କରିବାର ଥିଲା, ଯେଉଁଦିନ ସେନା ମୁଖ୍ୟ ଭାବେ ମୁନିରଙ୍କ ମୂଳ ତିନି ବର୍ଷର କାର୍ଯ୍ୟକାଳ ଶେଷ ହୋଇଥିଲା। ପ୍ରତିରକ୍ଷା ବାହିନୀ ମୁଖ୍ୟ ବା ଉତ୍ତରର ଭୂମିକା ଗତ ମାସରେ ସମ୍ବିଧାନର ୨୭ତମ ସଂଶୋଧନ ଅଧୀନରେ ପ୍ରସ୍ତୁତ କରାଯାଇଥିଲା, ଯାହାର ଲକ୍ଷ୍ୟ ସାମରିକ କମାଣ୍ଡକୁ କେନ୍ଦ୍ରୀଭୂତ କରିବା ଥିଲା । ଆସିମ୍ ମୁନିରଙ୍କୁ ଚଳିତ ବର୍ଷ ଫିଲ୍ଡ ମାର୍ସଲ ରାଙ୍କ୍‌ରେ ପଦୋନ୍ନତି ଦିଆଯାଇଥିଲା। ସେ ଉତ୍ତର ଭାବେ ନିଜର କର୍ତ୍ତବ୍ୟ ସହିତ ସେନା ମୁଖ୍ୟ ପଦ ମଧ୍ୟ ସମ୍ଭାଳିବେ। ସେ ଜେନେରାଲ ଆୟୁବ ଖାନଙ୍କ ପରେ ଫିଲ୍ଡ ମାର୍ଶାଲ ଉପାଧି ପାଇବାରେ ପାକିସ୍ତାନ ଇତିହାସରେ ଦ୍ୱିତୀୟ ସେନା ଅଧିକାରୀ ହୋଇଛନ୍ତି । ଆୟୁବ ଖାନ୍ ଭାରତ ସହିତ ୧୯୬୫ ଯୁଦ୍ଧ ସମୟରେ ପାକିସ୍ତାନର ନେତୃତ୍ୱ ନେଇଥିଲେ । ଅସୀମ ମୁନିର ପାକିସ୍ତାନ ସେନା ଦାୟିତ୍ୱ ନେବାଠାରୁ ଭାରତ ସହ ସମ୍ପର୍କ ଆହୁରି ଖରାପ ହୋଇଛି । ସବୁବେଳେ ଭାରତ ବିରୋଧରେ ବିଷ ଉଗାରି ଆସିଛନ୍ତି ଅସୀମ ମୁନିର । ଖାଲି ସେତିକି ନୁହେଁ, ସବୁବେଳେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଆସିଛନ୍ତି । ପହଲଗାମ କାଣ୍ଡ ପରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରି ମୁନିରଙ୍କ ସହ ପାକିସ୍ତାନକୁ ଉଚିତ ଜବାବ ଦେଇଥିଲା ଭାରତୀୟ ସେନା । ଏବେ ମୁନିର ଭାରତ ସହ ଯୁଦ୍ଧ କରିବାକୁ ଚାହୁଁଥିବା ନେଇ ଇମ୍ରାନଙ୍କ ଭଉଣୀ ଦାବି କରୁଥିଲେ । କ୍ଷମତା ପାଇବା ପରେ ମୁନୀର ଏଭଳି ଦୁଃସାହସ କଲେ ଭାରତୀୟ ସେନା ବି ଉଚିତ ଜବାବ ଦେବାକୁ ପ୍ରସ୍ତୁତ ରହିଛି । କାରଣ କିଛି ଦିନ ପୂର୍ବରୁ ହିଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଥିଲେ ଭାରତ ଯେକୌଣସି ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛି । ଏଣୁ ଭାରତ ବିରୋଧରେ କିଛି ବି ପ୍ଲାନ କରିବା ପୂର୍ବରୁ ଦୁଇଥର ଚିନ୍ତା କରିବେ ନିଶ୍ଚୟ ମୁନିର ।

## ସବୁବେଳେ ବାଧ୍ୟତାମୂଳକ ହୋଇପାରେ ଲୋକେସନ ଟ୍ରାକିଂ ବ୍ୟବସ୍ଥା




କନକ ବ୍ୟୁରୋ : ଭାରତ ସରକାର ଦେଶରେ ବିକ୍ରି ହେଉଥିବା ସମସ୍ତ ସ୍ମାର୍ଟଫୋନରେ ସବୁବେଳେ ଚାଲୁ ରହୁଥିବା ସାଟେଲାଇଟ୍ ଲୋକେସନ୍ ଟ୍ରାକିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବାକୁ ବିଚାର କରୁଛନ୍ତି । ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଅପରାଧୀଙ୍କ ସଠିକ୍ ଠିକଣା ଜାଣିବାରେ ସାହାଯ୍ୟ କରିବା ପାଇଁ ଦୂରସଞ୍ଚାର ଉଦ୍ୟୋଗ ସଂଘ ସିଓଏଆଇ ପକ୍ଷରୁ ଏହି ପ୍ରସ୍ତାବ ଆସିଛି । କିନ୍ତୁ ଗୁଗୁଲ୍, ଆପଲ୍ ଏବଂ ସାମସଙ୍ଗ୍ ଭଳି ବଡ଼ ସ୍ମାର୍ଟଫୋନ୍ କମ୍ପାନି ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରୁଛନ୍ତି । ସେମାନଙ୍କ କହିବାନୁଯାୟୀ, ଏହା ଉପଭୋକ୍ତାମାନଙ୍କର ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ କ୍ଷତି ପହଞ୍ଚାଇବ । ଏହି ପଦକ୍ଷେପ ଫୋନଗୁଡ଼ିକୁ ଏକ 'ସ୍ୱତନ୍ତ୍ର ନଜର ରଖିବା ଉପକରଣ'ଭାବରେ ପରିଣତ କରିବ। କମ୍ପାନିଗୁଡ଼ିକ ସରକାରଙ୍କୁ ଚିଠି ଲେଖି କହିଛନ୍ତି, ଏପରି କୌଣସି ନିୟମ ଦୁନିଆରେ ଅନ୍ୟ କେଉଁଠାରେ ନାହିଁ । ଟ୍ରାକିଂ ସମୟରେ ଉପଭୋକ୍ତାଙ୍କୁ ସତର୍କ କରାଉଥିବା ପପ୍-ଅପ୍ ମେସେଜ୍ ?କୁ ନିଷ୍କ୍ରିୟ କରିବାର ପ୍ରସ୍ତାବକୁ ମଧ୍ୟ କମ୍ପାନିଗୁଡ଼ିକ ଅଗ୍ରାହ୍ୟ କରିଛନ୍ତି । ରିପୋର୍ଟ ଅନୁଯାୟୀ, ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ ଅଫ୍ ଇଣ୍ଡିଆ ସରକାରଙ୍କୁ ପ୍ରସ୍ତାବ ଦେଇଛି , ଯଦି ସରକାର ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକୁ ଅନ୍ କରିବାକୁ ନିର୍ଦ୍ଦେଶ ଦିଅନ୍ତି , ତେବେ ହିଁ ସଠିକ୍ ଉପଭୋକ୍ତାଙ୍କ ସ୍ଥାନ ଜଣାପଡିବ । ଏଥିପାଇଁ ଫୋନର ଲୋକେସନ୍ ସବୁବେଳେ ଅନ ରହିବ ଏବଂ ବ୍ୟବହାରକାରୀଙ୍କ ପାଖରେ ଏହାକୁ ବନ୍ଦ କରିବାର କୌଣସି ବିକଳ୍ପ ରହିବ ନାହିଁ। ଆଇସିଇଏ କହିଛି, ପ୍ରସ୍ତାବ ଅନେକ ଆଇନଗତ, ଗୋପନୀୟତା ଏବଂ ଜାତୀୟ ସୁରକ୍ଷା ଚିନ୍ତା ସୃଷ୍ଟି କରୁଛି । ବ୍ୟବହାରକାରୀଙ୍କ ମଧ୍ୟରେ ସାମରିକ ଅଧିକାରୀ, ବିଚାରପତି ଏବଂ ସାମ୍ବାଦିକ ଅନ୍ତର୍ଭୁକ୍ତ । ଯେଉଁମାନେ ସମ୍ବେଦନଶୀଳ ସୂଚନା ରଖିଥାନ୍ତି ଏବଂ ଟ୍ରାକିଂ ସେମାନଙ୍କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ । ସୂଚନା ଅନୁଯାୟୀ ସଂସଦର ଶୀତକାଳୀନ ଅଧିବେଶନରେ ସଞ୍ଚାର ସାଥୀ ଆପ୍ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ପରେ, ସରକାର ଆପ୍ ପୂର୍ବରୁ ସଂସ୍ଥାପିତ ହେବା ଆବଶ୍ୟକ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି । ରିପୋର୍ଟ ଅନୁସାରେ,ସଞ୍ଚାର ସାଥୀର ବର୍ଦ୍ଧିତ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି, ସରକାର ଏବେ ମୋବାଇଲ୍ ଫୋନ୍ ନିର୍ମାତାଙ୍କ ପାଇଁ ବାଧ୍ୟତାମୂଳକ ପ୍ରି-ଇନଷ୍ଟଲେସନ୍ ଆବଶ୍ୟକତାକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦେଶନାମାକୁ ନେଇ ଦୁଇ ଦିନ ଧରି ଲାଗି ରହିଥିବା ବିବାଦ ପରେ ଏହି ନିଷ୍ପତ୍ତି ଆସିଛି। ଯାହାକୁ ନେଇ ଗୋପନୀୟତା ବିବାଦ ସୃଷ୍ଟି ହୋଇଥିଲା। ପଛଘୁଞ୍ଚା ଦେଲେ ସରକାର। ସରକାର ପ୍ରି-ଇନଷ୍ଟଲେସନ୍ ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରିଛନ୍ତି, କାରଣ ବହୁ ସଂଖ୍ୟକ ବ୍ୟବହାରକାରୀ ଆପ୍‌କୁ ଡାଉନଲୋଡ୍ କରୁଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୬୦୦,୦୦୦ ରୁ ଅଧିକ ଡାଉନଲୋଡ୍ ରେକର୍ଡ କରାଯାଇଛି। ସରକାରଙ୍କ ଅନୁଯାୟୀ, ଏହି ସାଇବର ସୁରକ୍ଷା ଆପ୍‌ର ପ୍ରସାରକୁ ତ୍ୱରାନ୍ୱିତ କରିବା ଏବଂ ସର୍ବାଧିକ ଲୋକଙ୍କ ପାଖରେ ଏହାର ପହଞ୍ଚକୁ ସୁନିଶ୍ଚିତ କରିବା ପାଇଁ ପ୍ରାରମ୍ଭିକ ଭାବରେ ପ୍ରି-ଇନଷ୍ଟଲେସନ୍ ଆବଶ୍ୟକତା ଆରମ୍ଭ କରାଯାଇଥିଲା।

କେନ୍ଦ୍ର ସରକାର ଆପଲ୍ ଭଳି ବିଶ୍ୱସ୍ତରୀୟ କମ୍ପାନି ସମେତ ସମସ୍ତ ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ଭାରତରେ ବିକ୍ରି ହେଉଥିବା ପ୍ରତ୍ୟେକ ନୂତନ ଫୋନରେ ଆପ୍ ପ୍ରି-ଇନଷ୍ଟଲେସନ୍ କରିବାକୁ ନିର୍ଦ୍ଦେଶ ଦେବା ପରେ ସଞ୍ଚାର ସାଥୀ ଆପ୍ ନେଇ ବିବାଦ ଆରମ୍ଭ ହୋଇଥିଲା ।

ରିପୋର୍ଟ ଅନୁଯାୟୀ, କିଛି କମ୍ପାନି ଏହି ନିର୍ଦ୍ଦେଶକୁ ଆଇନଗତ ଭାବରେ ଚ୍ୟାଲେଞ୍ଜ କରିବାକୁ ପ୍ରସ୍ତୁତ ହେଉଥିଲେ, କାରଣ ନିର୍ଦ୍ଦେଶନାମାରେ ଏହା ମଧ୍ୟ କୁହାଯାଇଥିଲା ଯେ, ଆପ୍ ଅପସାରିତ ହୋଇପାରିବ ନାହିଁ କିମ୍ବା ସହଜରେ ଡିଜେବୁଲ୍ କରାଯାଇପାରିବ ନାହିଁ । ବିରୋଧୀ ଦଳ, ଡିଜିଟାଲ୍ ଅଧିକାର କର୍ମୀ ଏବଂ ନାଗରିକ ସମାଜ ଗୋଷ୍ଠୀଗୁଡ଼ିକ ଆପ୍‌ର ପ୍ରି-ଇନଷ୍ଟଲେସନ୍ ବିରୋଧରେ ଏକ ଅଭିଯାନ ଆରମ୍ଭ କରିଥିଲେ । ସେମାନେ ଯୁକ୍ତି ଦେଇଥିଲେ ଯେ, ସମସ୍ତ ଡିଭାଇସ୍‌ରେ ଏକ ସରକାରୀ ଆପ୍‌କୁ ବାଧ୍ୟତାମୂଳକ କରିବା ନାଗରିକଙ୍କ ଗୋପନୀୟତା ଅଧିକାର ଉପରେ ସିଧାସଳଖ ଆକ୍ରମଣ ।

# ଶେଷ ମ୍ୟାଚରେ ଦ.ଆଫ୍ରିକାକୁ ହରାଇ ଭାରତ ସିରିଜ ବିଜୟୀ





**ବିଶାଖାପାଟଣା,୬।୧୨ (ଏଜେନ୍ସି) :** ବିଶାଖାପାଟଣାରେ ଶନିବାର ଖେଳାଯାଉଥିବା ୩ୟ ଦିନିକିଆରେ ଭାରତ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ପରାସ୍ତ କରିଛି। ଏହା ସହିତ ଭାରତ ଏହି ସିରିଜକୁ ୨-୧ରେ ଜିତିନେଇଛି। ଭାରତ ଆଗରେ ବିଜୟ ପାଇଁ ୨୭୧ ରନର ଲକ୍ଷ୍ୟ ଥିବାବେଳେ ଭାରତ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ରୋହିତ ୭୫ ରନ କରିଥିବାବେଳେ ଜୟସ୍ୱାଲ ଅପରାଜିତ ୧୧୬ ରନ କରିଥିଲେ। ସେହିପରି ବିରାଟ କୋହଲି ବିସ୍ଫୋରକ ଇନିଂସ ଖେଳି ମାତ୍ର ୪୫ ବଲରେ ୬୫ ରନ କରିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଆଗରେ ଦକ୍ଷିଣ ଆଫ୍ରିକୀୟ ବୋଲର ନିସ୍ପ୍ରଭ ଜଣାପଡୁଥିଲେ। ଦଳ ପକ୍ଷରୁ ଏକମାତ୍ର ୱିକେଟ କେଶବ ମହାରାଜ ନେଇଥିଲେ। ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ ଆଫ୍ରିକା ଆରମ୍ଭରୁ ରିୟାନ ରିକଲଟନଙ୍କ ୱିକେଟ ହରାଇଥିଲେ ବି କ୍ୱିନ ଡି'କକ ଓ ଟେମ୍ବା ବାଭୁମା ଲଢୁଆ ବ୍ୟାଟିଂ କରି ସ୍ଥିତିକୁ ସମ୍ଭାଳିଥିଲେ। ବାଭୁମା ୪୮ ରନ କରି ଆଉଟ ହୋଇଥିବାବେଳେ ଡିକକ୍ ନିଜର ବ୍ୟାଟିଂ ଜାରି ରଖି ଶତକ ପୂରଣ କରିଥିଲେ। ସେ ୧୦୬ ରନର ଏକ ଆକର୍ଷଣୀୟ ପାଳି ଖେଳିଥିଲେ। ସେହିପରି ମାଥ୍ୟୁ ବ୍ରିଜକେ ୨୪ ରନ କରିଥିବାବେଳେ ଡେୱାଲ୍ଡ ବ୍ରେଭିସ ୨୯ ରନ କରିଥିଲେ। ତେବେ ଦଳର ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଦଳ ୨୭୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ କୁଳଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଲେଖାଏଁ ୱିକେଟ ନେଇଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦଯାପିତ

**ତୁମୁଡିବନ୍ଧ,୬।୧୨ (ମହାଭାରତ) :** କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ବ୍ଲକରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚକୁ ଆଣିବାରେ ଭାରତୀୟ ଜନତା ପାର୍ଟିର ପ୍ରୟାସ। ଗ୍ରାମାଞ୍ଚଳରେ ଥିବା ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଓ ମାନସିକ ବିକାଶ ସହିତ ଲୁକାୟିତ ପ୍ରତିଭାର ବିକାଶ ପାଇଁ ଖେଳର ଆବଶକ୍ୟତା ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହେଉଛି।



ସେହି କ୍ରମରେ ଶୁକ୍ରବାର କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସାଂସଦ ଖେଳ ମହୋତ୍ସବରେ ତୁମୁଡିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ ସୁନୀଲ କୁମାର ପାତ୍ର ତୁମୁଡିବନ୍ଧ ବ୍ଲକ ସାଂସଦ ପ୍ରତିନିଧି ପୁର୍ଣଚନ୍ଦ୍ର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗେଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଲ, ତୁମୁଡିବନ୍ଧ ମଣ୍ଡଳ ସଭାପତି ଆର୍ମେସ୍ୱର ମାଝୀ, ଜିଲ୍ଲା ପରିଷଦ ନବୀନ ପାତ୍ର, ସିରିଚନ୍ଦ୍ର ପରାସେଟ, ରବୀନ୍ଦ୍ର ପାତ୍ର, ଟିକିଆ ମହାନ୍ତି ପ୍ରମୁଖ ବିଜେପି ଦଳୀୟ କର୍ମୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କ୍ରିକେଟ, କବାଡି, ଖୋଖୋ, ଭଲିବଲ, ଫୁଟବଲ, ବ୍ୟାଟମିଟନ, ପୁଚି ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ସର୍ବମୋଟ ୪୮ଗୋଟି ଦଳ ଭଗ ନେଇଥିବା ବେଳେ ସେଥିମଧ୍ୟରୁ ମୋଟ ୯ଟି ଦଳ ଜିଲ୍ଲାସ୍ତରୀୟ ଖେଳ ମହୋତ୍ସବରେ ଅଂଶ ଗ୍ରହଣ ନିମନ୍ତେ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକର ଯନ୍ତ୍ରୀ ସୁନୀଲ କୁମାର ପ୍ରଧାନ, ପ୍ରଣୟ କୁମାର ମିଶ୍ର, ଗୌତମ ନାୟକ (ବିଏଫଟି), ନୀଳକଣ୍ଠ ବଡ଼ନାୟକ (ଏଡିଇଓ), ପିଇଓ ବିଗ୍ନେଶ୍ୱର ଦିଗାଲ, ମମତା କୁମାରୀ ସାହୁ, (ଡିଇଓ) ମନସ୍ମିତା ମହାନ୍ତି, ସ୍ୱପ୍ନାମୟୀ ସାହୁ ସମସ୍ତ ଖେଳ ପରିଚାଳନା କରିଥିଲେ। ତୁମୁଡିବନ୍ଧ ବ୍ଲକର ଡବ୍ଲୁଇଓ ମଙ୍ଗଳ ଚରଣ ଲେଙ୍କା ପର୍ଯ୍ୟବେକ୍ଷକ ଭାବେ ଓ ବ୍ଲକର ସମସ୍ତ କର୍ମଚାରୀମାନେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିଥିଲେ।

# ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା



**ଢେଙ୍କାନାଳ,୬।୧୨ (ମହାଭାରତ) :** ୬୯ତମ ଅନ୍ତଃ ରାଜ୍ୟ ବିଦ୍ୟାଳୟ ସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଅଣ୍ଡର-୧୮ ବାଳକ, ବାଳିକା ଚଳିତ ମାସ ୭ ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଉତର ପ୍ରଦେଶର ବାଲିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ୧୦ ଜଣ ବାଳକ ୮ ଜଣ ବାଳିକା ଆମ ଓଡିଶା ତରଫରୁ ପ୍ରତିନିଧିତ୍ୱ କରିବେ। ୨ ଜଣ କୋଚ ଆଲୋକ ଦଳେଇ ଓ ଆର୍ଯ୍ୟ ପଟ୍ଟନାୟକ ଏବଂ ୨ଜମ ମ୍ୟାନେଜର ଭାନୁ ପ୍ରତାପ ରଣା ଓ ଲୋପା ମୁଦ୍ରା ସାହୁଙ୍କ ତତ୍ତ୍ୱାବଧାନରେ ଚଳିତ ମାସ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମମତା ମଣ୍ଡପରେ କୋଚିଙ୍ଗ କ୍ୟାମ୍ପ କରାଯାଇଥିଲା ଏବଂ ସେମାନେ ଟିମ୍ ସହିତ ଉତର ପ୍ରଦେଶ ଗସ୍ତ କରିବେ ବୋଲି ଜଣାଯାଇଛି। ଏହି ଅବସରରେ ସଦର ଡିଇଓ, ଆଇ.ପି. ଉପସ୍ଥିତ ରହି କୁସ୍ତି ପ୍ରତିଯୋଗୀମାନଙ୍କୁ ସାକ୍ଷାତ କରି ସୁଭ କାମନା ଜଣେଇଛନ୍ତି।

# ଏସଏସ୍ଆଇ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଥମ ବୋନ୍ ମିନେରାଲ ଡେନ୍‌ସିଟି କ୍ୟାମ୍ପ

**ଭୁବନେଶ୍ୱର,୬।୧୨ (ମହାଭାରତ) :** ଯୁବ ଆଥ୍‌ଲେଟମାନଙ୍କ ପାଇଁ ପ୍ରଥମ ଥର ପାଇଁ କଳିଙ୍ଗ ଷ୍ଟାଡିୟମ୍‌ରେ ବିନା ମୂଲ୍ୟରେ ବୋନ୍ ମିନେରାଲ ଡେନ୍‌ସିଟି ଯାଞ୍ଚ ଶିବିର ଶନିବାର ଆୟୋଜନ କରାଯାଇଥିଲା। ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମ୍‌ରେ ତାଲିମ ନେଉଥିବା ରାଜ୍ୟସ୍ତରର ୧୫୦ ଜଣ ଉଦୀୟମାନ ଆଥ୍‌ଲେଟଙ୍କ ଠାରେ ଯୁବାବସ୍ଥାରେ ସମ୍ଭାବ୍ୟ ଅସ୍ଥି ସମ୍ପର୍କିତ ଅଭାବ ଠାବ କରିବା ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା। ଆଦ୍ୟ ନିରୂପଣ ଦ୍ୱାରା ତାହା କ୍ରୀଡାବିତ୍‌ଙ୍କ ମଧ୍ୟରେ ଆଘାତ ନିବାରଣରେ ସହାୟକ ହୋଇଥାଏ। ଏହି ଶିବିର କ୍ରୀଡା ବିଜ୍ଞାନ ବିଶାରଦ ଏବଂ ସର୍ଜନ ଡା.ସାର୍ଥକ ପଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ପୋର୍ଟସ୍ ସାଇନ୍ସ ଇଣ୍ଡିଆ (ଏସ୍ଏସଆଇ) ଦ୍ୱାରା ଆୟୋଜିତ ହୋଇଥିଲା। ଶିବିରରେ ଡେକ୍ସା-ଭିତ୍ତିକ ସ୍ଥାନାନ୍ତରଯୋଗ୍ୟ ସ୍କାନର୍ ବ୍ୟବହାର କରି ଆଥ୍‌ଲେଟମାନଙ୍କର ଅସ୍ଥି ସ୍ୱାସ୍ଥ୍ୟ ଆକଳନ ଉପରେ ଦୃଷ୍ଟିନିବଦ୍ଧ କରାଯାଇଥିଲା। ବିନା କଟାକଟିରେ ଏହି ପରୀକ୍ଷା ନିରୀକ୍ଷା ଅସ୍ଥିର ସାମର୍ଥ୍ୟ ଓ ଖଣିଜ ସ୍ତର ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲା। ଏହା କୋଚ ଏବଂ ଫିଜିଓଥେରାପିଷ୍ଟମାନଙ୍କୁ ପ୍ରତ୍ୟେକ ଆଥ୍‌ଲେଟଙ୍କର ଉଚ୍ଚ ପ୍ରଦର୍ଶନ ଆଧାରିତ ତାଲିମ ନିମନ୍ତେ ଶାରୀରିକ ଗଠନମୂଳକ ପ୍ରସ୍ତୁତି ସମ୍ପର୍କରେ ବୁଝିବାରେ ସହାୟକ ହୋଇଥିଲା। "ଆମର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରର କ୍ରୀଡାକୁ ପ୍ରୋତ୍ସାହିତ କରିବା ଏବଂ ଏହି ଧରଣର ପରୀକ୍ଷା ନିରୀକ୍ଷା ସମଗ୍ର ରାଜ୍ୟରେ ମଜଭୁତ, ଆଘାତ-ପ୍ରତିରୋଧୀ ଆଥ୍‌ଲେଟଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ନିତାନ୍ତ ଜରୁରୀ," ବୋଲି ଡା. ପଟନାୟକ କହିଥିଲେ।



ଦିନେଶ ସୁରୀ, ଚିଫ୍ ଅପରେଟିଂ ଅଫିସର, ଓଡ଼ିଶା ଆଥ୍‌ଲେଟିକ ପ୍ରୋଜେକ୍ଟ କହିଥିଲେ, କ୍ରୀଡା ଓ ଯୁବ ସେବା ବିଭାଗ (ଡିଏସ୍‌ୱାଇଏସ୍) ଦ୍ୱାରା ପରିଚାଳିତ ହୋଇ ଏହି ପ୍ରୟାସ ବେଶ୍ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି, କାରଣ ଅନେକ ସମୟରେ ଯୁବ ଆଥ୍‌ଲେଟମାନେ ଅସ୍ଥିର ଯାଞ୍ଚ କରାନ୍ତି ନାହିଁ। "ପ୍ରତିଷ୍ଠିତ ଆଥ୍‌ଲେଟମାନେ ଏହିଭଳି ପରୀକ୍ଷା ନିରୀକ୍ଷା କରାଇଥାନ୍ତି। କିନ୍ତୁ ଆଦ୍ୟ ସ୍ତରରେ ଏଭଳି ଯାଞ୍ଚ କରାଯିବାର ନିଜସ୍ୱ ଫାଇଦା ରହିଛି। ନିମ୍ନସ୍ତରର ବିଏମ୍‌ଡିକୁ ଅନେକ ସମୟରେ ଅଣଦେଖା କରାଯାଏ, କିନ୍ତୁ ସେଥିଯୋଗୁଁ ଚାପଜନିତ ଫ୍ରାକ୍‌ଚର, ବିଶେଷକରି ଉଚ୍ଚ ପ୍ରଭାବୀ କ୍ରୀଡା କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେବାର ଆଶଙ୍କା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଥାଏ। ତେଣୁ ଆମେ ଅସ୍ଥିର ସ୍ୱାସ୍ଥ୍ୟ ସମ୍ପର୍କରେ ଆଦ୍ୟାବସ୍ଥାରୁ ଆକଳନ କରିପାରିବା, ତେବେ ଆମେ ଆଥ୍‌ଲେଟଙ୍କ ପାଇଁ ଉନ୍ନତ ତାଲିମର ଡିଜାଇନ କରିପାରିବା," ବୋଲି ସୁରୀ କହିଥିଲେ। ଏହି ପ୍ରୟାସକୁ କୋଚ୍ ଏବଂ ତାଲିମପ୍ରଦାନକାରୀଙ୍କ ମଧ୍ୟରେ ବିପୁଳ ସ୍ୱାଗତ କରାଯାଇଥିଲା। ସେମାନଙ୍କର ବିଶ୍ୱାସ ଯେ ନିୟମିତ ଭାବରେ ବିଏମ୍‌ଡି ଯାଞ୍ଚ କରାଗଲେ ତାହା ଓଡ଼ିଶା ଆଥ୍‌ଲେଟଙ୍କୁ ଅଧିକ ଭଲ ଭାବରେ ତାଲିମ ନେବା ଏବଂ ପ୍ରତିଯୋଗିତାମୂଳକ ସିଜନ୍‌ଗୁଡିକରେ ଆଘାତ-ମୁକ୍ତ ରହିବାରେ ସହାୟକ ହୋଇପାରିବ।

ବୋନ୍ ମିନେରାଲ ଡେନ୍‌ସିଟି ଅସ୍ଥିରେ ମୁଖ୍ୟତଃ କ୍ୟାଲସିୟମ୍ ଏବଂ ଫସଫରସ୍ ଭଳି ଅତ୍ୟାବଶ୍ୟକ ଖଣିଜ ସାରର ଉପସ୍ଥିତି ପରିମାଣ ସମ୍ପର୍କରେ ସୂଚନା ଦେଇଥାଏ। ଅସ୍ଥିର ସାମର୍ଥ୍ୟ ନିମନ୍ତେ ଏହା ଏକ ମୁଖ୍ୟ ପରିମାପ ଏବଂ ଆଘାତ ଜନିତ ଆପଦ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଅନୁମାନକାରୀ ବିବେଚିତ ହେଉଛି। ଆଥ୍‌ଲେଟମାଙ୍କ ପାଇଁ ବିଏମ୍‌ଡି ଯାଞ୍ଚ କରାଯିବା କାହିଁକି ଆବଶ୍ୟକ ସେ ସମ୍ପର୍କରେ କ୍ରୀଡା ବିଜ୍ଞାନୀମାନେ ଚାରିଟି ପ୍ରମୁଖ କାରଣ ଦର୍ଶାଇଛନ୍ତି। ପ୍ରଦର୍ଶନକୁ ଶୀର୍ଷସ୍ତରରେ ପହଞ୍ଚାଇବା: ଜୋରଦାର ତାଲିମ ସମୟରେ ଶକ୍ତ ଅସ୍ଥି ଉତ୍ତମ ମଜଭୁତପଣ କ୍ଷେତ୍ରରେ ଅବଦାନ ରଖିଥାଏ; ଅନେକ ସମୟରେ ଅସ୍ଥିର ଘନତ୍ୱ ବୃଦ୍ଧି କରିବା ନିମନ୍ତେ ପ୍ରତିରୋଧୀ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

# ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ

**ଜଗତସିଂହପୁର,୬।୧୨ (ମହାଭାରତ) :** ଜଗତସିଂହପୁର ପରିସରସ୍ଥ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଜଗତସିଂହପୁର ସୌଜନ୍ୟରୁ ୬୯ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଜଗତସିଂହପୁରର ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ ସୁଶାନ୍ତ କୁମାର ମହାନ୍ତି, ମାଧ୍ୟମିକ ଶିକ୍ଷା, ଭୁବନେଶ୍ୱରର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ,



ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଜଗତସିଂହପୁର ପୌରପରିଷଦର ଅଧକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲାପରିଷଦର ଅଧକ୍ଷ ମନୋଜ କୁମାର ଭୋଇ ଏବଂ ଶାରୀରିକ ଶିକ୍ଷାଅଧିକାରୀ କାନ୍ତ କୁମାର ରାୟ ସନମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉତ୍ସବ ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲାବେଳେ ୩୦ଟି ଜିଲ୍ଲାର କ୍ରୀଡ଼ାବିତମାନେ ସୁନ୍ଦର ଢଙ୍ଗରେ ମାର୍ଚ୍ଚପାଷ୍ଟ ରେ ପ୍ରତିନିଧିତ୍ୱ କରିଥିଲେ। ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶାରୀରିକ ଶିକ୍ଷା ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ଶିକ୍ଷୟତ୍ରୀ ମନୀଷା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପବିତ୍ର ମୋହନ ଗୋଛାୟତ, ଅଜୟ କୁମାର ଭୋଇ, ବିନୀତ ଖୁଣ୍ଟିଆ, ରଞ୍ଜନ କୁମାର ମିଶ୍ର, ରଶ୍ମୀକାନ୍ତ ଦାସ, ଚନ୍ଦନ କୁମାର ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ବିକ୍ରମ ମହାପାତ୍ର ଅବଦୁଲ ହମିଦ, ମିଲନ କୁମାର ଓଝା ଏବଂ ଭୁବନାନନ୍ଦ ଦାସ ପ୍ରଭୃତି ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏହି ବିଦ୍ୟଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଚଳିତମାସ ୬ତାରିଖରୁ ଆରମ୍ଭ ହୋଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସାତୋଟି ଷ୍ଟାଡିୟମରେ ୧୧ତାରିଖ ପର୍ଯ୍ୟନ୍ତ ଚାଲିବ।

# ୨୩ଜଣଙ୍କୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ

**ଭୁବନେଶ୍ୱର,୬।୧୨ (ମହାଭାରତ) :** ଗୀତଗୋବିନ୍ଦ ସଦନଠାରେ ୧୫ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ସମାରୋହ- ୨୦୨୫ ଏବଂ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଦୂରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ମାନ୍ୟବର ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ଓଡ଼ିଶା ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, କଳିଙ୍ଗ ଟିଭି ସମ୍ପାଦକ ରକ୍ଷକ ନାୟକ, ଦୂରଦର୍ଶୀ ବ୍ୟୁରୋଚଫ୍ ପ୍ରସନ୍ନ ବିଷୋୟୀ ଯୋଗଦେଇ ୨୩ ଜଣ ସଫଳତା ପାଉଥିବା କ୍ରୀଡ଼ାବିତ୍, କୋଚ୍, କ୍ରୀଡ଼ା ସଙ୍ଗଠକ, ସଂଗଠନକୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଦୀର୍ଘ ୧୫ ବର୍ଷ ଧରି ଓଡ଼ିଶାର କୋଣ ଅନୁକୋଣରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଖୋଜି ଏହି କ୍ରୀଡ଼ା ସମ୍ମାନ ପ୍ରଦାନ କରି ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବିଶିଷ୍ଟ ଅତିଥିମାନେ ଦୂରଦର୍ଶୀ ପରିବାରକୁ ପ୍ରଶଂସା ସହ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟ/ ଜାତୀୟସ୍ତରର ସଫଳତା ଅର୍ଜନ କରିଥିବା କ୍ରୀଡ଼ାବିତ୍, ଟିମ୍, କୋଚ୍, ପୃଷ୍ଠପୋଷକ, କ୍ରୀଡ଼ାନୁଷ୍ଠାନମାନଙ୍କୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରିବା ପରମ୍ପରା ଆରମ୍ଭ କରି ଦୂରଦର୍ଶୀ ଯେଉଁ ଦୂରଦ୍ରଷ୍ଟା କାର୍ଯ୍ୟକ୍ରମ ହାତକୁ ନେଇଛି ତାହା ପ୍ରମାଣିତ କରୁଛି କି ଦୂରଦର୍ଶୀ ସାମାଜିକ ଦାୟିତ୍ୱବୋଧ ଓ ସମାଜ କଲ୍ୟାଣ କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ ଦୃଷ୍ଟି କରିଛି।

ଏହି କାର୍ଯ୍ୟକ୍ରମରେ ସତ୍ୟରଞ୍ଜନ ପଟ୍ଟନାୟକ, ସତ୍ୟମ୍ ବିଷୋୟୀ, ଜୟକୃଷ୍ଣ ପରିଡ଼ା, ପାରାମାଉ ସ୍କୋଟିଂ, ଲଳିତ ରଞ୍ଜନ ସାହୁ, ଭଗବାନ ରେଡ୍ଡୀ, ନିବେଦିତା ଜନ ନାୟକ, ରଞ୍ଜିତ ଚାନ୍ଦ, ସୁଚିତ୍ରା ପରିଡ଼ା, କୁଶପଲ୍ଲୀ ଫୁଟବଲ ଆସୋସିଏଶନ, ଏମ ଡି ଜାଫର ଇକବାଲ, ଫୁଲ ସୋରେନ, ସ୍ୱସ୍ତି ସିଂ, ଅବିନାଶ ମହାନ୍ତି, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, କିଟ୍ କିସ୍ ଓମେନ୍ ଫୁଟବଲ ଟିମ୍, ଥବିର ନାୟକ, ମାମା ନାୟକ, ଶୁଭଲକ୍ଷ୍ମୀ ବଳ, ସୁଶାନ୍ତ କୁମାର ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ନୂଆପଡା,୬।୧୨ (ମହାଭାରତ) :** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀଙ୍କ ଅଧକ୍ଷତାରେ ଉଦଘାଟିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବରେ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ବଜରଙ୍ଗ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଡକ୍ଟର ସରୋଜ କୁମାର ପଣ୍ଡା, ଜିଲା ପ୍ରମୁଖ ଧ୍ରୁବ ଚରଣ ପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ପୂର୍ଣ୍ଣଚନ୍ଦ୍ର କର୍ମୀ, ଉପସଭାପତି ଆଦିତ୍ୟ ମହାଉତି, ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ସୁସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବୀଣାପାଣି ଦର୍ଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ପୀଠରୁ ବିଦ୍ୟାଳୟର ଭାଇମାନଙ୍କ ଦ୍ୱାରା ଅଣାଯାଇଥିବା ମଶାଲକୁ ମୁଖ୍ୟ ଅତିଥି ପଡ଼ିଆରେ ସ୍ଥାପନ କରିବା ସହିତ କ୍ରୀଡ଼ା ପତାକା ଉତୋଳନ କରିଥିଲେ।

# ୩୦ତମ ଜାତୀୟ ସଡ଼କ ଆର୍‌ଏସ୍‌ପିବି ଚାମ୍ପିଅନସିପ

**ସମ୍ବଲପୁର,୬।୧୨ (ମହାଭାରତ) :** ଡିସେମ୍ବର ୨ ତାରିଖରୁ ସମ୍ବଲପୁରରେ ଆରମ୍ଭ ହୋଇଥିବା ୩୦ ତମ ଜାତୀୟ ସଡକ ସାଇକ୍ଲିଙ୍ଗ ଚାମ୍ପିଅନସିପ୍-୨୦୨୫ ପ୍ରତିଯୋଗିତା ସଫଳତା ପୂର୍ବକ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂହ ଓଡିଶା ସାଇକ୍ଲିଙ୍ଗ ଆସୋସିଏସନର ଅଧକ୍ଷା ମିନତୀ ମହାପାତ୍ର, ଉତରାଂଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ଶତାଧିକ ଖେଳାଳିଙ୍କ ମଧ୍ୟରେ ଭାରତୀୟ ସାଇକ୍ଲିଙ୍ଗର ଉତ୍କୃଷ୍ଟ ପ୍ରଦର୍ଶନ ଓ କଠିନ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଧାୟକ ଜୟନାରାୟଣ ମିଶ୍ର କ୍ରିଡାବିତ୍‌ମାନଙ୍କୁ ଆଗକୁ ଦୃଢ ମନୋଭାବ ନେଇ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହିତ କରିଥିଲେ। କହିଥିଲେ ଆଗାମୀଦିନରେ ଦିନରେ ଯେପରି ଆମେ ଅଲମ୍ପିକିସରେ ପଦକ ହାସଲ କରିବା, ସେଥିପାଇଁ ପ୍ରଚେଷ୍ଟା କରନ୍ତୁ। ଶେଷରେ ସମସ୍ତ ଖେଳାଳୀଙ୍କୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଚାମ୍ପିଅନସିପରେ ରାଜସ୍ଥାନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ୨୧ଟି (ସ୍ୱର୍ଣ୍ଣ ୯, ରୌପ୍ୟ ୯, କାଂସ୍ୟ ୩) ପଦକ ଜିତି ପ୍ରଥମ ସ୍ଥାନ ହାସଲ କରିଛି। ହରିୟାଣା ସର୍ବମୋଟ ୧୧ ଟି (ସ୍ୱର୍ଣ୍ଣ ୪, ରୌପ୍ୟ ୪, କାଂସ୍ୟ ୩), ମହାରାଷ୍ଟ୍ର ସର୍ବମୋଟ ୧୨ ଟି (ସ୍ୱର୍ଣ୍ଣ ୪, ରୌପ୍ୟ ୨, କାଂସ୍ୟ ୬), ଆରଏସପିବି ସର୍ବମୋଟ ୫ ଟି (ସ୍ୱର୍ଣ୍ଣ ୩, ରୌପ୍ୟ ୧, କାଂସ୍ୟ ୧), କର୍ଣ୍ଣାଟକ ସର୍ବମୋଟ ୯ ଟି (ସ୍ୱର୍ଣ୍ଣ ୨, ରୌପ୍ୟ ୩, କାଂସ୍ୟ ୪), ଦିଲ୍ଲୀ ସର୍ବମୋଟ ୩ ଟି (ସ୍ୱର୍ଣ୍ଣ ୨, କାଂସ୍ୟ ୧), ତାମିଲନାଡୁ ସର୍ବମୋଟ ୭ ଟି (ସ୍ୱର୍ଣ୍ଣ ୧, ରୌପ୍ୟ ୨, କାଂସ୍ୟ ୪) ଓଡିଶା ସର୍ବମୋଟ ୩ ଟି (ରୌପ୍ୟ ୨, କାଂସ୍ୟ ୧), ପଞ୍ଜାବ ସର୍ବମୋଟ ୧ ଟି (ରୌପ୍ୟ ୧), ମଣିପୁର ସର୍ବମୋଟ ୨ ଟି (କାଂସ୍ୟ ୨) ଓ ବିହାର ସର୍ବମୋଟ ଗୋଟିଏ ରୌପ୍ୟ ପଦକ ହାସଲ କରିବାକୁ ସମର୍ଥ ହୋଇଥିଲା। ଏହି ଚାମ୍ପିଅନସିପରେ ପୁରୁଷ ଏଲିଟ, ମହିଳା ଏଲିଟ, କନିଷ୍ଠ, ଉପକନିଷ୍ଠ,, ୨୩ ବର୍ଷରୁ କମ ବିଭିନ୍ନ ବର୍ଗରେ ମୋଟ ୭୫ଟି ପଦକ ଦିଆଯାଇ ଥିବାବେଳେ, ସେଥିରୁ ୨୫ ଟି ସ୍ୱର୍ଣ୍ଣ, ୨୫ଟି ରୋପ୍ୟ ଓ ୨୫ଟି କାଂସ୍ୟ ପଦକ ବିଭିନ୍ନ ରାଜ୍ୟ ପାଇଛନ୍ତି। ସମ୍ବଲପୁରରେ ଆୟୋଜିତ ୩୦ ତମ ଜାତୀୟ ରୋଡ୍? ସାଇକ୍ଲିଙ୍ଗ ଚାମ୍ପିୟନସିପ୍‌ରେ ବିଭିନ୍ନ ବର୍ଗରେ ସର୍ବାଧିକ ପଦକ ହାସଲ କରି ସର୍ବୋପରି ରାଜସ୍ଥାନ ଶୀର୍ଷ ସ୍ଥାନରେ ରହିଥିବା ବେଳେ ହରିଆଣା ଦ୍ୱିତୀୟ ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲା।

# ସାମସଙ୍ଗ ପଶ୍ଚିମ ବଙ୍ଗରେ ଭବିଷ୍ୟତ ଆଧାରିତ ବୈଷୟିକତାକୁ ମଜବୁତ କରିପାରିଛି

**ଭୁବନେଶ୍ୱର,୬।୧୨ (ମହାଭାରତ) :** ସାମସଙ୍ଗ, ଯାହାକି ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ପୁଣି ଥରେ ଭବିଷ୍ୟତ-ପ୍ରସ୍ତୁତକାରୀ ପ୍ରତିଭାମାନଙ୍କୁ ବିକଶିତ କରିବାରେ ରହିଥିବା ବଚନବଦ୍ଧତାକୁ ଜାରି ରଖିବା ସହିତ ପଶ୍ଚିମ ବଙ୍ଗ ବ୍ରେନୱେୟାର ୟୁନିର୍ଭସିଟି ଠାରେ ୭୫୦ ଜଣ ବିଦ୍ୟାର୍ଥୀଙ୍କୁ ଫ୍ଲାଗସିପ ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ (ଏସଆଇସି) କାର୍ଯ୍ୟକ୍ରମ ଅଧିନରେ ସମ୍ମାନିତ କରିଛି। ସମଗ୍ର ଭାରତରେ ୨୦୨୫ ମସିହା ମଧ୍ୟରେ ୨୦,୦୦୦ ଯୁବକଙ୍କୁ କୁଶଳୀ କରିବାରେ ରହିଥିବା ସାମସଙ୍ଗର ଏହି ଅଭିଯାନର ଅଂଶବିଶେଷ ଭାବରେ ଏହି ସଦ୍ୟତମ ବ୍ୟାଚ୍ ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛନ୍ତି ୪୦୦ ଜଣ ଗ୍ରାଜୁ୍ୟଏଟ ଯେଉଁମାନେ ଏଆଇ କୋର୍ଡ଼ିଙ୍ଗ ଏବଂ ପ୍ରୋଗ୍ରାମିଙ୍ଗରେ ଥିବା ବେଳେ ୩୫୦ ଜଣ କୃତ୍ରିମ ବୁଦ୍ଧିମତା ତଥା ଏଆଇ ଅଛନ୍ତି -ସେହି ଯୁବଗୋଷ୍ଠୀ ଯେଉଁମାନେ ଶିଳ୍ପ-ଉପଯୋଗୀ ଡ଼ିଜିଟାଲ ସକ୍ଷମକାରୀତା ପାଇଁ ଆକାଂକ୍ଷିତ ଏବଂ ସଜ୍ଜିତ ଅଟନ୍ତି ଯାହାକି ଭାରତରେ ପ୍ରଯୁକ୍ତି କ୍ଷେତ୍ରର ଭବିଷ୍ୟତକୁ ପରିଚାଳିତ କରିପାରିବ। ଏହି ଉତ୍ସବରେ ଯେଉଁ ମାନ୍ୟଗଣ୍ୟ ଅତିଥିଗଣ ସଭା ମଣ୍ଡନ କରିଥିଲେ ସେମାନେ ହେଲେ - ପ୍ରଫେସର ଶଙ୍କର ଗଙ୍ଗୋପାଧ୍ୟାୟ, ଉପ-କୁଳପତି, ବ୍ରେନୱେୟାର ୟୁନିର୍ଭସିଟି ଏବଂ ସରୋଜ ଆପଟେ, ଉପସଭାପତି, ଷ୍ଟ୍ରାଟେଜିକ୍ ପାଟନରସିପ୍, ଇଲେକ୍‌ଟ୍ରୋନିକ୍ସ ସେକ୍ଟର ସ୍କିଲସ କାଉନସିଲ ଅଫ ଇଣ୍ଡିଆ (ଇଏସଏସସିଆଇ), ଏଥି ସହିତ ସାମସଙ୍ଗର ନେତୃତ୍ୱ ମଣ୍ଡଳୀ ଏବଂ ଫାକଲ୍ଟି ସଦସ୍ୟ। ପଶ୍ଚିମ ବଙ୍ଗରେ ରହିଥିବା ଭରପୁର ବଂଶଗତ ଯାନ୍ତ୍ରିକୀ କଳା ଏବଂ ବିଜ୍ଞାନ ସହିତ ରାଜ୍ୟ ଅତି ଦ୍ରୁତ ଭାବରେ ଡ଼ିଜିଟାଲ ଅର୍ଥନୈତିକ ଚଳମାନତାକୁ ଅତି ସୁନ୍ଦର ଭାବରେ ରାଜ୍ୟରେ ପ୍ରତିଷ୍ଠା କରିପାରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ